

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୩୫ ଭୁବନେଶ୍ୱର ମଙ୍ଗଳବାର, ଜାନୁୟାରୀ ୨୮.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.135 Bhubaneswar, TuesSunday, January 28, 2025


## ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଜାନୁଆରି ୨୮ରେ ଓଡ଼ିଶା ଆସୁଛନ୍ତି । ଭୁବନେଶ୍ୱରରେ ଆୟୋଜିତ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍-୨୦୨୫ରେ ଯୋଗଦେବେ ପିଏମ୍ ମୋଦୀ। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ କଟକଣା ଜାରି କରିଛି ପୁଲିସ କମିସନରେଟ୍। ସକାଳ ୧୦.୨୫ରୁ ସକାଳ ୧୧.୧୦ ପର୍ଯ୍ୟନ୍ତ ଏୟାରପୋର୍ଟ ଛକ ହସ୍ପିଟାଲ ଛକ, ଏଜି ଛକ- ରାଜଭବବନ ଛକ- ପାୱାର ହାଉସ୍ ଛକ-୧୨୦ ବାଟାଲିୟନ ଛକ- ଜୟଦେବ ବିହାର ଛକ-ଜାଭିୟର ଛକ-ନାଲକୋ ଛକକୁ କୌଣସି ଯାନବାହାନ ଚଳାଚଳ କରିପାରିବ ନାହିଁ। ସେହିପରି ଅପରାହ୍ନ ୧୨.୨୦ ମିନିଟ୍‌ରୁ ଅପରାହ୍ନ ୧.୦୫ ପର୍ଯ୍ୟନ୍ତ ନାଲକୋ ଛକ- ଜାଭିୟର ଛକ- ଜୟଦେବ ବିହାର ଛକ- ୧୨୦ ବାଟାଲିୟନ ଛକ- ପାୱାର ହାଉସ୍ ଛକ- ରାଜଭବନ ଛକ- ଏଜି ଛକ- ହସ୍ପିଟାଲ ଛକ- ଏୟାରପୋର୍ଟ ଛକକୁ କୌଣସି ଯାନବାହାନ ଚଳାଚଳ କରିପାରିବେ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତ ପୂର୍ବରୁ କାରକେଡ୍ ରିହର୍ଶାଲ ଶେଷ ହୋଇଛି। ଭୁବନେଶ୍ୱରରେ ମୋଦୀ ୨ ଘଣ୍ଟା ୨୦ମିନିଟ୍ ରହିବେ। ସେଥିପାଇଁ ସମସ୍ତ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରାଯାଇଛି । ବ୍ଲୁ ବୁକ ଗାଇଡଲାଇନ ମୁତାବକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ରୁଟ ଲାଇନିଂ ଓ ଟ୍ରାଫିକ ବ୍ୟବସ୍ଥା କୁ କଡାକଡି କରାଯାଇଛି । ଏସପିଜି ପୂର୍ବରୁ ଏହି ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଛନ୍ତି। ଉତ୍କର୍ଷ ଓଡିଶା କାର୍ଯ୍ୟକ୍ରମ ଓ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ମୋଟ ୬୦ ପ୍ଲାଟୁନ ପୁଲିସ ଫୋର୍ସ ନିୟୋଜିତ ହେବେ । ୪୦୦ ରୁ ଉର୍ଦ୍ଧ୍ୱ ଅଫିସର ସୁରକ୍ଷା ବ୍ୟବସ୍ଥାର ତଦାରଖ ଦାୟିତ୍ୱରେ ରହିଛନ୍ତି। ମଙ୍ଗଳବାର ପୂର୍ବାହ୍ଣ ୧୦ଟା ୩୫ରେ ପ୍ରଧାନମନ୍ତ୍ରୀ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ସେ ୧୦ଟା ୫୫ମିନିଟରେ ସିଧାସଳଖ ଜନତା ମୈଦାନରେ ପହଞ୍ଚିବେ। ଉତ୍କର୍ଷ ଓଡ଼ିଶା, ମେକ୍‌ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୫ରେ ମୋଦୀ ଦିନ ୧୧ଟାରୁ ଅପରାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ ରହିବେ। ଏହା ପରେ ଦିନ ୧୨ଟା ୩୫ରେ ସଭାସ୍ଥଳରୁ ବିମାନବନ୍ଦର ଅଭିମୁଖେ ବାହାରିବେ। ସେ ଦିନ ୧୨ଟା ୫୫ମିନିଟ୍‌ରେ ଦିଲ୍ଲୀ ଫେରିଯିବେ।

## ଓଡ଼ିଶାରୁ ଆରମ୍ଭ ହେବ ଶିଳ୍ପ ବିପ୍ଳବ

ଭୁବନେଶ୍ୱର, ୨୭/୧: ଉତ୍କର୍ଷ ଓଡିଶା ୨୦୨୫ ଏକ ଐତିହାସିକ ଏବଂ ଯୁଗାନ୍ତକାରୀ ପଦକ୍ଷେପ ହେବ ବୋଲି କହିଲେ ଓଡିଶା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଗଣମାଧ୍ୟମକୁ ପ୍ରତିକ୍ରିୟାଦେଇ ଶିଳ୍ପମନ୍ତ୍ରୀ କହିଛନ୍ତି ଉତ୍କର୍ଷ ଓଡିଶା କନକ୍ଲେଭ ୨୦୨୫ ଏକ ଐତିହାସିକ ଓ ଯୁଗାନ୍ତକାରୀ କନକ୍ଲେଭ ହେବ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି କନକ୍ଲେଭର ଉଦଘାଟନ କରିବେ । ଗଙ୍ଗାର ସ୍ରୋତ ଭଳି ନିବେଶକମାନେ ଓଡିଶା ଆସିବେ । ଓଡିଶା ଆଗାମୀ ଦିନରେ ଗୋଟିଏ ଅଗ୍ରଣୀ ରାଜ୍ୟରେ ପରିଣତ ହେବ । ବିଜେଡିକୁ ଟାର୍ଗେଟକରି ଶିଳ୍ପମନ୍ତ୍ରୀ କହିଛନ୍ତି ପୂର୍ବ ସରକାରରେ ଦୁଇ ଦଶନ୍ଧି ଧରି ସବୁପ୍ରକାର ସମ୍ଭାବନା ଥାଇ ବି ଓଡିଶା ଶିଳ୍ପର ମରୁଭୂମି ପାଲଟିଥିଲା । ଶିଳ୍ପ କ୍ଷେତ୍ରରେ ଓଡିଶା ବହୁତ ଆଗକୁ ଯିବ । ସରକାରଙ୍କ ଲକ୍ଷ୍ୟ ରହିଛି ଓଡିଶାକୁ ଶିଳ୍ପ ସମୃଦ୍ଧ କରିବା ସହ ଶିଳ୍ପର ଇକୋ ହବ୍ କରିବା । ଶିଳ୍ପମନ୍ତ୍ରୀ ଆହୁରି କହିଛନ୍ତି ଓଡିଶାର ପ୍ରତି ଜିଲ୍ଲା କିଭଳି ଶିଳ୍ପ କ୍ଷେତ୍ରରେ ଆଗକୁ ଯିବ ତାହା ଆମର ପରିକଳ୍ପନା । ମେକ ଇନ୍ ଇଣ୍ଡିଆ ଯେମିତି ପ୍ରଧାନମନ୍ତ୍ରୀଙ୍କର ବ୍ରେନ୍ ଚାଇଲ୍ଡ ଥିଲା ଏବଂ ସାରା ଭାରତରେ ଦେଶ ବିଦେଶରୁ ବଡ଼ ବଡ଼ ନିବେଶକମାନେ ଆସିଥିଲେ ଏବଂ ଭାରତର ବିଭିନ୍ନ ସ୍ଥାନରେ ନିବେଶ କରିଥିଲେ । ସେହିପରି ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ନିବେଶକମାନେ ନିବେଶ କରିବେ ଏବଂ ଓଡ଼ିଶାରେ ଶିଳ୍ପ ବିପ୍ଳବ ସୃଷ୍ଟି ହେବ । ଏହି କନକ୍ଲେଭରେ ୪ଟି ପ୍ଲେନାରି ସେସନ ଏବଂ ୧୬ଟି କ୍ଷେତ୍ରୀୟ ସେସନ ରହିବ ବୋଲି ମନ୍ତ୍ରୀ କହିଛନ୍ତି । ପୂର୍ବ ସରକାର ସମୟରେ କେବଳ ମେଟାଲ ଇଣ୍ଡଷ୍ଟ୍ରି ଆସୁଥିଲା । ଆମ ସରକାରରେ ସବୁ ଶିଳ୍ପ କ୍ଷେତ୍ରକୁ ଗୁରୁତ୍ୱ ଦିଆଯିବ । ସେମି କଣ୍ଡକ୍ଟର, ଗ୍ରୀନ ଏନର୍ଜୀ, ପେଟ୍ରୋ କେମିକାଲ ଓ ଜାହାଜ ନିର୍ମାଣ ଉପରେ ଫୋକସ ଦିଆଯାଉଥିବା ମନ୍ତ୍ରୀ କହିଛନ୍ତି । ମୋହନ ସରକାରରେ ସାତ ମାସରେ ୨ଲକ୍ଷ ୭୫ ହଜାର କୋଟିର ନିବେଶ ପାଇଁ ୧୫୯ଟି ଶିଳ୍ପ ସଂସ୍ଥାକୁ ସିଂଗିଲ ୱିଣ୍ଡୋ ଅନୁମୋଦନ ମିଳିଛି । ଏଥିରେ ୨ ଲକ୍ଷ୧୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଓଡ଼ିଶାରେ ଆସନ୍ତାକାଲି ଠାରୁ ଉତ୍କର୍ଷ ଓଡିଶା କନକ୍ଲେଭ ଆରମ୍ଭ ହେବ । ପ୍ରଥମଥର ପାଇଁ ମେକଇନ ଓଡ଼ିଶା କନକ୍ଲେଭରେ ଯୋଗଦେବେ ପ୍ରଧାନମନ୍ତ୍ରୀ । ଆସନ୍ତାକାଲିଠୁ ଆରମ୍ଭ ହେବ ଉତ୍କର୍ଷ ଓଡ଼ିଶା-ମେକ ଇନ୍ ଓଡ଼ିଶା କନକ୍ଲେଭ । ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍କର୍ଷ ଓଡ଼ିଶା କନକ୍ଲେଭର ଉଦଘାଟନ କରିବେ । ଦୁଇ ଦିନ ଭିତରେ ବିଭିନ୍ନ କ୍ଷେତ୍ର ପାଇଁ ୧୫ଟି ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ । ଭୁବନେଶ୍ୱର ଜନତା ମଇଦାନରେ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍ ?କ୍ଲେଭର ଶୁଭାରମ୍ଭ ହେବ । ୨ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିବ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ନିବେଶକ ଓ ଶିଳ୍ପ ପ୍ରତିନିଧି ଯୋଗଦେବେ ।

# ଆଜିଠୁ ଉତ୍କର୍ଷ ଓଡିଶା

## ଉତ୍କର୍ଷ ଓଡିଶା କନକ୍ଲେଭରେ ରାଜ୍ୟକୁ ଛୁଟିବ ନିବେଶର ସୁଅ

ଭୁବନେଶ୍ୱର, ୨୭/୧: ଉତ୍ସାହିତ ଓଡ଼ିଶା, ଉତ୍ସାହିତ ଶିଳ୍ପସଂଘ। କାଲିଠୁ ଭୁବନେଶ୍ୱର ଜନତା ମୈଦାନରେ ଆରମ୍ଭ ହେଉଛି ଦୁଇଦିନିଆ ଶିଳ୍ପ ମହାକୁମ୍ଭ- ଉତ୍କର୍ଷ ଓଡିଶା କନକ୍ଲେଭ୍। ବଡ଼ କଥା ହେଉଛି ପ୍ରଥମଥର ପାଇଁ ପୁଞ୍ଜିନିବେଶକଙ୍କୁ ଆକୃଷ୍ଟ କରିବାକୁ ଓଡ଼ିଶାରେ ଆୟୋଜିତ ଏ ଶିଳ୍ପପତି ସମ୍ମିଳନୀକୁ ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏଥିପାଇଁ ସବୁ ପ୍ରସ୍ତୁତି ସରିଥିଲା ବେଳେ ଶିଳ୍ପମନ୍ତ୍ରୀ କହିଛନ୍ତି, ଏଇ କନକ୍ଲେଭ୍ ଶେଷରେ ଗଙ୍ଗା ସ୍ରୋତ ଭଳି ଓଡ଼ିଶାକୁ ଛୁଟିବ ନିବେଶକଙ୍କ ସୁଅ। ରାତି ପାହିଲେ ଉତ୍କର୍ଷ ଓଡ଼ିଶା କନକ୍ଲେଭ୍-୨୦୨୫। ଦେଶ ବିଦେଶର ହଜାର ହଜାର ଶିଳ୍ପପତିଙ୍କ ଉପସ୍ଥିତିରେ ଦୁଇ ଦିନିଆ ଏ ଶିଳ୍ପ ମହାକୁମ୍ଭକୁ ଉଦ୍ଘାଟନ କରିବେ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏଥିପାଇଁ ପ୍ରସ୍ତୁତ ଜନତା ମଇଦାନ, ପୂରା ପ୍ରସ୍ତୁତ ଓଡ଼ିଶା। ଶିଳ୍ପ ପ୍ରତିଷ୍ଠା ଲାଗି ଓଡ଼ିଶାରେ ଥିବା ପ୍ରତିଟି ସୁବିଧା ସୁଯୋଗକୁ ନିବେଶକଙ୍କୁ ଜଣାଇବା ଲାଗି କୌଣସି ବିକଳ୍ପ ଛାଡ଼ିନାହାନ୍ତି ରାଜ୍ୟ ସରକାର। ସ୍ୱତନ୍ତ୍ର ଥିମ୍ ଏରିଆରେ ପ୍ରଦର୍ଶିତ ହେବ ରାଜ୍ୟରେ ଏମ୍‌ଏସ୍‌ଏମ୍‌ଇ, ପର୍ଯ୍ୟଟନ, ଶିଳ୍ପ, ଇଲେକ୍ଟ୍ରୋନିକ୍ସ ଓ ଆଇଟି, ସୁଭଦ୍ରା, ଷ୍ଟାର୍ଟ ଅପ୍, ଦକ୍ଷତା ବିକାଶ ଓ ବୟନ ଶିଳ୍ପ ପାଇଁ ରହିଥିବା ସୁବିଧା ସୁଯୋଗ। ଦୁଇଟି ବିଶାଳ ହଲରେ ରାଜ୍ୟରେ ଗଢ଼ି ଉଠିଥିବା ସବୁ ବଡ଼ ଶିଳ୍ପସଂସ୍ଥା ସମ୍ପର୍କରେ ଜାଣିବାକୁ ପାଇବେ ନିବେଶକ। ୪ଟି ସେସନ୍ ହଲରେ ଅନୁଷ୍ଠିତ ହେବ ୧୨ଟି ଶିଳ୍ପକ୍ଷେତ୍ର ଆଧାରିତ ଅଧିବେଶନ। କଣ୍ଟ୍ରି ଅଫ୍ ଫୋକସ୍, ସିଇଓ ରାଉଣ୍ଡଟେବୁଲ ୱିଥ୍ ସିଏମ୍, ୱିମେନ ବିଜନେସ ଲିଡରସିପ୍, ଏଡିଟର୍ସ ରାଉଣ୍ଡଟେବୁଲ ଭଳି ୬ଟି ଥିମ୍ ଅଧିବେଶନ ବି ହେବ। ଏନେଇ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି, ଅପାର ସମ୍ଭାବନା ସତ୍ତ୍ୱେ ପୂର୍ବ ସରକାରରେ ବିଗତ ଦୁଇ ଦଶନ୍ଧି ଧରି ଶିଳ୍ପ ମରୁଭୂମି ପାଲଟିଥିଲା ଓଡ଼ିଶା। ନୂଆ ସରକାର ଅକ୍ଷୟ ଶକ୍ତି, ଜାହାଜ ନିର୍ମାଣ, କେମିକାଲ, ପେଟ୍ରୋକେମିକାଲ, ସେମିକଣ୍ଡକ୍ଟର ଭଳି ନୂଆପିଢ଼ିର ତଥା ନିଯୁକ୍ତି ସୃଷ୍ଟିକାରୀ କ୍ଷେତ୍ରକୁ ଗୁରୁତ୍ୱ




ଦେଉଛନ୍ତି। ଆଉ ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ଭଗୀରଥ ସାଜି ଓଡ଼ିଶାକୁ ଗଙ୍ଗା ସ୍ରୋତ ଭଳି ନିବେଶକ ଆଣିବେ ଖୋଦ୍ ପ୍ରଧାନମନ୍ତ୍ରୀ ମୋଦି। ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ରାଜ୍ୟ ସରକାର କେବଳ ବଡ଼ ଶିଳ୍ପକୁ ଗୁରୁତ୍ୱ ଦେଇଛନ୍ତି ତାହା ନୁହେଁ, ନିଯୁକ୍ତି ସୃଷ୍ଟିକାରୀ ଏମ୍‌ଏସ୍‌ଏମ୍‌ଇକୁ ଦିଆଯାଇଛି ସ୍ୱତନ୍ତ୍ର ଫୋକସ୍। କ୍ଷୁଦ୍ରଶିଳ୍ପକୁ ପ୍ରୋତ୍ସାହିତ କରିବା ଲାଗି ଉଦ୍‌ଯାପନୀ ଉତ୍ସବରେ ସମ୍ବର୍ଦ୍ଧିତ ହେବେ 'ସିକ୍ସଟି ଅଣ୍ଡର ଫୋର୍ଟି' ଏମ୍‌ଏସ୍‌ଏମ୍‌ଇ। ଏଥରର ଏଇ କନକ୍ଲେଭ୍ ଜରିଆରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆକୃଷ୍ଟ ପାଇଁ ଲକ୍ଷ୍ୟ ରଖିଛନ୍ତି ନୂଆ ସରକାର। ପୂର୍ବରୁ ତିନି ତିନୋଟି ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ଜରିଆରେ ପୁଞ୍ଜିପତିମାନେ ୧୬ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଆଗ୍ରହ ଦେଖାଇଥିବା ସତ୍ତ୍ୱେ ରାଜ୍ୟ ଶିଳ୍ପାୟନରେ କିନ୍ତୁ ଦେଖିବାକୁ ମିଳିନଥିଲା ଆଖିଦୃଶିଆ ଅଗ୍ରଗତି। ଏବେ ପ୍ରଶ୍ନ, ଏଥରର ଉତ୍କର୍ଷ ଓଡ଼ିଶା କନକ୍ଲେଭର ଭାଗ୍ୟ ପୂର୍ବଭଳି ହେବନି ତ ? ଶିଳ୍ପସଂଘର କହିବା କଥା, ପୂର୍ବ ସରକାରରେ ସବୁ କ୍ଷମତା ଜଣଙ୍କ ପାଖରେ ରହୁଥିଲା। ଫଳରେ ଯେଉଁ ନିବେଶ ଆଗ୍ରହ ଆସୁଥିଲା ତାହା ବାସ୍ତବ ରୂପ ନେଇ ପାରୁ ନ ଥିଲା। କିନ୍ତୁ ନୂଆ ସରକାରରେ କ୍ଷମତାର ବିକେନ୍ଦ୍ରୀକରଣ କରାଯାଇ ନିବେଶ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିଛି। ଖୋଦ୍ ମୁଖ୍ୟମନ୍ତ୍ରୀ ପ୍ରତି କାର୍ଯ୍ୟର ସମୀକ୍ଷା କରୁଛନ୍ତି। ଅନ୍ୟପକ୍ଷରେ ଖୋଦ୍ ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସ୍ ଦେଉଥିବାରୁ ଉତ୍କର୍ଷ ଓଡ଼ିଶା ସଫଳ ହେବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ଉତ୍କର୍ଷ ଓଡ଼ିଶା କନକ୍ଲେଭ ଉଦ୍ଘାଟନ ଲାଗି ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଆଜି ଆୟୋଜିତ ହୋଇଯାଇଛି କାର୍କେଡ୍ ରିହର୍ସାଲ। ଏସବୁ ଭିତରେ ଗତକାଲିଠୁ ଓଡ଼ିଶାକୁ ଛୁଟିଲାଣି ନିବେଶକଙ୍କ ସୁଅ। ଆଜି ଶିଳ୍ପସଂଘ ସିଆଇଆଇ ପକ୍ଷରୁ ଏହାର ୨୦୦ ସଦସ୍ୟଙ୍କୁ ନେଇ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଛି ବୈଠକ। ସେହିପରି ଚାର୍ଟର୍ଡ ଫ୍ଲାଇଟ୍ ଜରିଆରେ ଭୁବନେଶ୍ୱର ଆସିବାକୁ ବିମାନବନ୍ଦର କର୍ତ୍ତୃପକ୍ଷକୁ ଆସିଛି ଦେଶ ବିଦେଶରୁ ଶିଳ୍ପପତିଙ୍କ ଆବେଦନ।

## ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ

ଭୁବନେଶ୍ୱର, ୨୭/୧: ରାଜଧାନୀର ମହାତ୍ମାଗାନ୍ଧୀ ମାର୍ଗରେ ୭୬ତମ ସାଧାରଣତନ୍ତ୍ର ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ । ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ସକାଳ ୮.୨୮ ରେ ମହାତ୍ମା ଗାନ୍ଧୀ ମାର୍ଗରେ ପହଞ୍ଚିବା ପରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୂଜା, ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଓ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ୱାଇ. ବି. ଖୁରାନିଆ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଉପମହାନିର୍ଦ୍ଦେଶକ କମୋଡର ମହେଶ ରାହାଙ୍ଗଲେ ରାଜ୍ୟପାଳଙ୍କୁ ସ୍ୱାଗତ ଜଣାଇ ମଞ୍ଚ ନିକଟକୁ ପାଛୋଟି ନେଇଥିଲେ । ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ୮.୩୦ ମିନିଟ୍ ? ସମୟରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପରେଡ୍ କମାଣ୍ଡର ଶ୍ରୀ ଶୁଭମ୍ ଭୋସଲେ ପ୍ୟାରେଡ୍ ପରିଚାଳନା କରିଥିଲେ । ଦ୍ୱିତୀୟ ପରିଚାଳକ ଭାବେ ଡେପୁଟି କମାଣ୍ଡାଣ୍ଟ ଶ୍ରୀ କୌଶିକ୍ କୁମାର ନାୟକ ଏବଂ



ସ୍ୱତନ୍ତ୍ର ଅଧିକାରୀ ଶ୍ରୀ ଭବାନୀ ପ୍ରସାଦ ଜେନା ପ୍ୟାରେଡ୍ ପରିଚାଳନାରେ ସହାୟତା କରିଥିଲେ । ରାଜ୍ୟ ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଂଗୀତ ବାଦନ ପରେ ୧୭ଟି ସାମରିକ ବାହିନୀ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ୨୬ଟି ବେସାମରିକ ଦଳ ସମୁଦାୟ ୪୩ଟି ଦଳ ମିଳିତ ପ୍ୟାରେଡ୍‌ରେ ଅଂଶଗ୍ରହଣ କରିଥିଲେ । ସମ୍ମିଳିତ ପ୍ୟାରେଡ୍ ଅନୁଷ୍ଠିତ ହେବା ପରେ ପରେ ବିଭିନ୍ନ ସାଂସ୍କୃତିକ ଦଳ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କଟକ ଚୌଦ୍ୱାର ସଂଗୀତ କଳା ସଂସଦ ପକ୍ଷରୁ ପାରମ୍ପରିକ ଘୋଡ଼ାନାଚ, ରାୟଗଡ଼ା ଜିଲ୍ଲା ମା' ସନ୍ତୋଷୀ କଳା ପ୍ରତିଷ୍ଠାନ ଦ୍ୱାରା ଜନଜାତିମାନଙ୍କ ଢେମ୍‌ସା ନୃତ୍ୟ, କେନ୍ଦୁଝର ଜିଲ୍ଲାର ଆଦିମ ସଂସ୍କୃତି ସଂଗଠନ ପକ୍ଷରୁ ହୋ-ମୁଣ୍ଡା ନୃତ୍ୟ ଓ ସମ୍ବଲପୁରର ରଙ୍ଗଫରୁଆ ସଂଗଠନର କଳାକାରବୃନ୍ଦଙ୍କ ଦ୍ୱାରା ସମ୍ବଲପୁରୀ ଡାପ୍ ବଜନିଆଁ ନୃତ୍ୟ ପରିବେଷଣ ଉତ୍ସବକୁ ମନୋମୁଗ୍ଧକର କରିଥିଲା । ଏହା ପରେ 'ସମୃଦ୍ଧ ଓଡ଼ିଶା-ଐତିହ୍ୟ ଏବଂ ବିକାଶ'ର ବାର୍ତ୍ତା ବହନ କରୁଥିବା ପ୍ରଜ୍ଞାପନ ମେଢ଼ଗୁଡ଼ିକ ଅଭିବାଦନ ମଞ୍ଚ ଅତିକ୍ରମ କରିଥିଲେ । ମହିଳା ଓ ଶିଶୁ ବିକାଶ (ସୁଭଦ୍ରା), ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ (ଆୟୁଷ୍ମାନ ଆରୋଗ୍ୟ ମନ୍ଦିର), ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ(ବିଦ୍ୟାବନ୍ତ ବିଦ୍ୟାର୍ଥୀ, ବିକଶିତ ଓଡ଼ିଶା), ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ (ଭୌଗୋଳିକ ସୂଚକାଙ୍କ ମାନ୍ୟତାପ୍ରାପ୍ତ ଉତ୍ପାଦ), ମିଶନ ଶକ୍ତି ବିଭାଗ (ଉଦ୍ୟୋଗିତା ମାଧ୍ୟମରେ ମହିଳା ସଶକ୍ତିକରଣ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ (ସମୃଦ୍ଧ କୃଷକ ଯୋଜନା), ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ (ଗ୍ରାମୀଣ ବିକାଶ କ୍ଷେତ୍ରରେ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ), ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ (ଉନ୍ନତ ସହରାଞ୍ଚଳ ପରିବହନ ବ୍ୟବସ୍ଥା), ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ (ଦକ୍ଷତା ବୃଦ୍ଧି କ୍ଷେତ୍ରରେ ପାରଦର୍ଶିତା), ପର୍ଯ୍ୟଟନ ବିଭାଗ (ଐତିହ୍ୟ ଓ ପରିବେଶ ପର୍ଯ୍ୟଟନ), ବାଣିଜ୍ୟ ଓ ପରିବହନ ବିଭାଗ (ମଲଟିମୋଡ଼ାଲ ସଂଯୋଗ- ପରିବର୍ତ୍ତନଶୀଳ ଯାତ୍ରା) ଓ ମତ୍ସ୍ୟ ଓ ପ୍ରାଣିସଂପଦ ବିଭାଗ (ମହାସାଗରରୁ ଟେବୁଲ୍ ପର୍ଯ୍ୟନ୍ତ..ଓଡ଼ିଶା ଚିଙ୍ଗୁଡ଼ିର ଯାତ୍ରା) ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମା, ଶ୍ରୀ ସୁରେନ୍ଦ୍ର କୁମାର, ଶ୍ରୀ ନିକୁଞ୍ଜ ବିହାରୀ ଧଳ, ବିଭିନ୍ନ ବିଭାଗର ଶାସନ ସଚିବ, ବରିଷ୍ଠ ପୋଲିସ ଅଧିକାରୀ, ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ ଏବଂ ନିର୍ଦ୍ଦେଶକ ଶ୍ରୀ ସରୋଜ କୁମାର ସାମଲ, ନିର୍ଦ୍ଦେଶକ (ବୈଷୟିକ) ଶ୍ରୀ ସୁରେନ୍ଦ୍ର ନାଥ ପରିଡ଼ା ପ୍ରମୁଖଙ୍କ ସମେତ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀବୃନ୍ଦ, ସାଧାରଣତନ୍ତ୍ର ଦିବସ ଉତ୍ସବରେ ଉପସ୍ଥିତ ଥିଲେ ।

## ପ୍ରକାଶ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା



ଭୁବନେଶ୍ୱର, ୨୭/୧: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ଆଜି ଅବସରପ୍ରାପ୍ତ ଆଇପିଏସ୍ ଅଫିସର ତଥା ପୂର୍ବତନ ଡିଜିପି ପ୍ରକାଶ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ଭାବେ ନିଯୁକ୍ତି ଦେଇଛନ୍ତି। ଶ୍ରୀ ମିଶ୍ରଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ପ୍ରଦାନ କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ପାଇବା ପରେ ଶ୍ରୀ ମିଶ୍ର କହିଛନ୍ତି ଯେ ସରକାର ତାଙ୍କୁ ଏହି ଗୁରୁ ଦାୟିତ୍ୱ ଦେଇଛନ୍ତି ଏବଂ ସେ ଓଡ଼ିଶାବାସୀଙ୍କ ସେବା କରିବାର କର୍ତ୍ତବ୍ୟ ନିର୍ବାହ କରିବାକୁ ଚେଷ୍ଟା କରିବେ। ନୂଆ ବିଜେପି ସରକାର କିପରି ସଠିକ ଭାବେ କାର୍ଯ୍ୟ କରିବ ଓ ରାଜ୍ୟବାସୀଙ୍କ ସମସ୍ୟାର ସମାଧାନ କରିବ ସେଦିଗରେ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଶ୍ରୀ ମିଶ୍ର ୨୦୧୨ ଜୁଲାଇରୁ ୨୦୧୪ ଜୁଲାଇ ପର୍ଯ୍ୟନ୍ତ ଓଡ଼ିଶାର ଡିଜିପି ଭାବେ କାର୍ଯ୍ୟ କରିଥିଲେ। ତତ୍କାଳୀନ ବିଜେଡି ସରକାର ଜୁଲାଇ ୨୦୧୪ରେ ତାଙ୍କୁ ଓଡ଼ିଶା ପୁଲିସ ମୁଖ୍ୟ ପଦରୁ ହଟାଇ ୨୦୧୪ ସେପ୍ଟେମ୍ବରରେ ଭିଜିଲାନ୍ସ ମାମଲା ରୁଜୁ କରିଥିଲେ। ପରେ ସେ କେନ୍ଦ୍ରୀୟ ଡେପୁଟେସନରେ ଯାଇ ସିଆରପିଏଫର ମହାନିର୍ଦ୍ଦେଶକ ଭାବେ ଯୋଗ ଦେଇଥିଲେ ଏବଂ ଫେବୃଆରୀ ୨୦୧୬ରେ ଅବସର ନେଇଥିଲେ ।

୨୦୦୬ରୁ ୨୦୦୯ ମଧ୍ୟରେ ଓଡ଼ିଶା ପୁଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମର ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଥିବା ସମୟରେ ଶ୍ରୀ ମିଶ୍ର ସାମଗ୍ରୀ ଯୋଗାଣକାରୀମାନଙ୍କୁ ଅଯଥା ଫାଇଦା ଦେଖାଇ ରାଜ୍ୟ ରାଜକୋଷକୁ ୭.୨୭ କୋଟି ଟଙ୍କାର କ୍ଷତି ପହଞ୍ଚାଇଥିବା ନେଇ ଓଡ଼ିଶା ଭିଜିଲାନ୍ସ ଅଭିଯୋଗ କରିଥିଲା। ୨୦୧୫ ଜୁନ୍ ମାସରେ ଓଡ଼ିଶା ହାଇକୋର୍ଟ ଶ୍ରୀ ମିଶ୍ରଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ରଦ୍ଦ କରିଥିଲେ। ୨୦୧୬ରେ ରାଷ୍ଟ୍ରପତି ଶାସନ ଲାଗୁ ହେବା ପରେ ଉତ୍ତରାଖଣ୍ଡର ତତ୍କାଳୀନ ରାଜ୍ୟପାଳ କେ କେ ପାଉଲ ଦୁଇ ପରାମର୍ଶଦାତାଙ୍କ ମଧ୍ୟରୁ ଶ୍ରୀ ମିଶ୍ରଙ୍କୁ ଅନ୍ୟତମ ଭାବେ ନିଯୁକ୍ତ କରାଯାଇଥିଲା। ୨୦୧୯ ମାର୍ଚ୍ଚ ୨୪ତାରିଖରେ ସେ ବିଜେପିରେ ଯୋଗଦେବା ପରେ ୨୦୧୯ରେ ତାଙ୍କୁ କଟକ ସଂସଦୀୟ କ୍ଷେତ୍ରରୁ ପ୍ରାର୍ଥୀ କରିଥିଲା, ଯେଉଁଥିରେ ସେ ଭର୍ତ୍ତୃହରି ମହତାବଙ୍କଠାରୁ ପରାଜିତ ହୋଇଥିଲେ, ଯିଏ କି ୨୦୧୯ ନିର୍ବାଚନରେ ବିଜେଡିର ପ୍ରାର୍ଥୀ ଥିଲେ କିନ୍ତୁ ବର୍ତ୍ତମାନ ଏହି ନିର୍ବାଚନ ମଣ୍ଡଳୀକୁ ବିଜେପି ସାଂସଦ ଭାବେ ପ୍ରତିନିଧିତ୍ୱ କରୁଛନ୍ତି।

# ସବୁ ସୋମବାର କାହିଁକି ଖୋଲୁନି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ?



**୮ ମାସରେ ୭ ଥର ଅଭିଯୋଗ ପ୍ରକୋଷ୍ଠ ଆସିଛନ୍ତି ମୁଖ୍ୟମନ୍ତ୍ରୀ**

**ମୁଖ୍ୟମନ୍ତ୍ରୀ ନ ରହିଲେ ଉପମୁଖ୍ୟମନ୍ତ୍ରୀ କିମ୍ବା ଅନ୍ୟ ମନ୍ତ୍ରୀ ଶୁଣୁନାହାନ୍ତି କାହିଁକି ?**

**ବିଜେଡି ସରକାରରେ ଶେଷ ୧୬ ବର୍ଷ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଆସି ନଥିଲେ ନବୀନ ପଟ୍ଟନାୟକ**

ଭୁବନେଶ୍ୱର, ୨୭/୧:ଗତ ବିଜେଡି ସରକାରରେ ଶେଷ ୧୬ ବର୍ଷ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଆସି ନଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କିଛି ଅଫିସର ପ୍ରତି ସୋମବାର ଉପସ୍ଥିତ ରହି ଏହି ଅଭିଯୋଗ ପ୍ରକୋଷ୍ଠ ଚଳାଉଥିଲେ। ହେଲେ ପ୍ରାୟ ୮ ମାସ ତଳେ ବିଜେପି ସରକାର ଓଡ଼ିଶାରେ କ୍ଷମତାକୁ ଆସିଲା ପରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ମାତ୍ର ୭ ଥର ଆସିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଡିସେମ୍ବର ୩୦ ତାରିଖରେ ଶେଷ ଥର ପାଇଁ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଥିଲେ, ଆମେ ଏହା ଭିତରେ ପ୍ରାୟ ୩୦ ହଜାରରୁ ଅଧିକ ଅଭିଯୋଗ ପାଇଛୁ। ଆଉ ଏଥିରୁ ୭୮% ଅଭିଯୋଗର ସମାଧାନ ହୋଇଛି। ଏବେ ପ୍ରଶ୍ନ ହେଉଛି ପ୍ରାୟ ୮ମାସରେ ୩୦ରୁ ଅଧିକ ସୋମବାର ଆସିଥିବାବେଳେ ଅଧିକାଂଶ ସମୟ କାହିଁକି ବନ୍ଦ ରହୁଛି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ? ଏକଥା ସତ ଯେ ଏହି ଆଠ ମାସ ଭିତରେ ଭୁବନେଶ୍ୱରରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଉତ୍ସବ ଆୟୋଜିତ ହୋଇଛି। ମୁଖ୍ୟମନ୍ତ୍ରୀ ସବୁ ସମୟରେ ଉପସ୍ଥିତ ରହିବା ସମ୍ଭବ ହୋଇ ନପାରେ। ମାତ୍ର ଉପମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ରହି ଲୋକଙ୍କ ଅଭିଯୋଗ ଶୁଣୁନାହାନ୍ତି କାହିଁକି ? ସୂଚନା ଅଧିକାର ଆଇନରେ ନିକଟରେ ଆଇନ ବିଭାଗ ପକ୍ଷରୁ ଦିଆଯାଇଥିବା ଗୋଟିଏ ଉତ୍ତର। ଏଥିରେ ଦର୍ଶାଯାଇଛି, ୨୦୨୧, ୨୦୨୨ଓ ୨୦୨୩ ବର୍ଷରେ ଜନଶୁଣାଣି ଜରିଆରେ ବିଭାଗ ପ୍ରାୟ ୮୦% ପ୍ରତିଶତ ସମସ୍ୟାର ସମାଧାନ କରିଛି। ହେଲେ ୨୦୨୪ ନିର୍ବାଚନ ବର୍ଷରେ ମାତ୍ର ୪୬ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି। ଅନ୍ୟପଟରେ ପୂର୍ବରୁ ଜିଲ୍ଲାସ୍ତରରେ ପ୍ରତି ସୋମବାର ଜିଲ୍ଲାପାଳ ଓ ଏସପିମାନେ ମିଳିତ ଜନଶୁଣାଣି କରୁଛନ୍ତି, ଯାହାକି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ପୋର୍ଟାଲ ସହ ସଂଯୁକ୍ତ ହୋଇ ରହିଛି। ଲୋକେ ଜନଶୁଣାଣି ପୋର୍ଟାଲ ଜରିଆରେ ପଂଜୀକରଣ କରି କିମ୍ବା ହ୍ୱାଟସଆପ୍ ନମ୍ବର-୬୩୭୦୯୫୧୯୩୦ ଜରିଆରେ ପଞ୍ଜୀକରଣ କରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସୁଛନ୍ତି। ଏବେ ପ୍ରତି ସୋମବାର ପୂର୍ବରୁ ପଞ୍ଜୀକରଣ କରିଥିବା କେବଳ ୧ ହଜାର ଲୋକଙ୍କ ଅଭିଯୋଗ ଶୁଣୁଛି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ। ଏ ନେଇ ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ କହିଛନ୍ତି, ମୁଖ୍ୟମନ୍ତ୍ରୀ ହୁଏତ ସବୁ ସମୟରେ ଅଭିଯୋଗ ପ୍ରକୋଷ୍ଠକୁ ଆସିବା ସମ୍ଭବ ହେଉନଥିବ। ଆବଶ୍ୟକସ୍ଥଳେ ଉପମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ଏହା ଶୁଣିପାରିବେ। ଏହା ସାଧାରଣ ଲୋକଙ୍କ ଭିତରେ ଭରସା ସୃଷ୍ଟି କରିବ। ଏଥିସହ କେବଳ ୭୮% ଶୁଣାଣିର ସମାଧାନ ହୋଇଛି କହିଲେ ହେବ ନାହିଁ, ଶୁଣାଣିରୁ ଲୋକେ ପ୍ରକୃତ ସୁଫଳ ପାଇଛନ୍ତି କି ନାହିଁ ତାହା ଯାଂଚ୍ କରିବାକୁ ପଡ଼ିବ। ସେହିପରି ବରିଷ୍ଠ ସାମ୍ବାଦିକ ସନ୍ଦୀପ ମିଶ୍ର କହିଛନ୍ତି, ପୂର୍ବରୁ ଅଫିସରମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲୋକଙ୍କ ଅଭିଯୋଗ ଗ୍ରହଣ କରୁଥିଲେ। ସବୁ ସମସ୍ୟାର ସମାଧାନ ସ୍ଥାନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ନୁହେଁ। ଶେଷରେ ଅଫିସରମାନେ ଏହାର ସମାଧାନ କରିବେ। ଜିଲ୍ଲା ଓ ବ୍ଲକ୍ ସ୍ତରରେ ଅଭିଯୋଗ ଶୁଣିବା ଦ୍ୱାରା ଅନେକ ଅଭିଯୋଗ କମିଯିବ।

# ପ୍ରତିରକ୍ଷା ମନ୍ତ୍ରୀଙ୍କ ସହ ବୀର ଗାଥା ୪.୦ର ସୁପର-୧୦୦ ବିଜେତାଙ୍କୁ ସମ୍ବର୍ଦ୍ଧିତ କଲେ କେନ୍ଦ୍ରମନ୍ତ୍ରୀ

# ବୀର ଗାଥା ଦେଶଭକ୍ତି, ସାହସ ଏବଂ ଜାତୀୟ ଗୌରବର ମୂଲ୍ୟବୋଧ ସୃଷ୍ଟି କରୁଛି - ଧର୍ମେନ୍ଦ୍ର ପ୍ରଧାନ




ନୂଆଦିଲ୍ଲୀ/ଭୁବନେଶ୍ୱର, **୨୭/୧(ନି.ପ୍ର):** 'ବୀର ଗାଥା' ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶଭକ୍ତି, ସାହସ ଏବଂ ଜାତୀୟ ଗୌରବର ମୂଲ୍ୟବୋଧ ସୃଷ୍ଟି କରୁଛି । ଦେଶର ପ୍ରଗତିରେ ଯୋଗଦାନ ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରିବାରେ ଏହା ଏକ ମହତ୍ୱପୂର୍ଣ୍ଣ ପ୍ଲାଟଫର୍ମ ହୋଇଛି ବୋଲି ଶନିବାର ନୂଆଦିଲ୍ଲୀ ଠାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସହ ବୀର ଗାଥା ୪.୦ର 'ସୁପର ୧୦୦' ବିଜେତାଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଥିବା ୧୦୦ ବିଜେତାଙ୍କ ମଧ୍ୟରୁ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା କେବଳ ୬୬ ଜଣ ଛାତ୍ରୀ ଥିଲେ । ଏହା ଉପରେ ଖୁସି ପ୍ରକାଶ କରି ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ବୀର ଗାଥା ଆମ ଦେଶର ନୂଆ ପିଢ଼ିକୁ ଭାରତର ସାମରିକ ପରମ୍ପରା, ଅଜଣା ବୀର ଏବଂ ଆମ ସେନାମାନଙ୍କର ଶୌର୍ଯ୍ୟ ଏବଂ ବଳିଦାନକୁ ପରିଚିତ କରାଇବା ପାଇଁ ଏକ ମହତ୍ୱପୂର୍ଣ୍ଣ ମଞ୍ଚ ହୋଇଛି । ଆମର ସାମରିକ ପରମ୍ପରା, ବୀରଙ୍କ ତ୍ୟାଗ, ତପସ୍ୟା ଓ ବଳିଦାନ ଆମ ସଂସ୍କୃତିର ପ୍ରମୁଖ ଉପଲବ୍ଧି ଏବଂ ଏହି ଉପଲବ୍ଧିକୁ ନୂଆ ପିଢ଼ି ସହ ପରିଚିତ କରାଇବାରେ ବୀର ଗାଥା କାର୍ଯ୍ୟ କରୁଛି । ନାଳନ୍ଦା, ତକ୍ଷଶିଳା, ବିକ୍ରମଶିଳା ଓ ପୁଷ୍ପଗିରି ଭଳି ବିଶ୍ୱବିଦ୍ୟାଳୟ ଠାରୁ ଆରମ୍ଭ କରି ମଗଧ, ଚୋଳ, ଖାରବେଳ ସାମ୍ରାଜ୍ୟ ପର୍ଯ୍ୟନ୍ତ ଆମର ପୂର୍ବପୁରୁଷମାନେ ଜ୍ଞାନ ସହିତ ସାମରିକ ପରମ୍ପରାର ସମୃଦ୍ଧ ଇତିହାସ ସୃଷ୍ଟି କରିଥିଲେ । ଏହା ଆମ ସଂସ୍କୃତିର ଏକ ବଡ଼ ଉପଲବ୍ଧି । ଏହିପରି ଭାବରେ ବୀର ଗାଥା ଅଜଣା ନାୟକ ଓ ବଳିଦାନର କାହାଣୀକୁ ନୂଆ ପିଢ଼ି ପାଖରେ ପହଞ୍ଚାଇବାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଛି । ନୂଆ ଜାତୀୟ ଶିକ୍ଷା ନୀତି ଆମକୁ ମାତୃଭୂମି ପାଇଁ ନିଜର ସବୁକିଛି ବଳିଦାନ ଦେଇଥିବା ଭାରତର ଇତିହାସ ପୃଷ୍ଠାରେ ଅନାଲୋଚିତ ବୀରମାନଙ୍କୁ ଜାଣିବା ଏବଂ ମନେ ପକାଇବାକୁ ପ୍ରେରଣା ଦେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ମହିଳା ଆଧାରିତ ବିକାଶର କଳ୍ପନା କରାଯାଇଛି । ପ୍ରତିରକ୍ଷା ମନ୍ତ୍ରୀଙ୍କ ନେତୃତ୍ୱରେ ଏବେ ଆମ ଝିଅମାନେ ରାଣୀ ଲକ୍ଷ୍ମୀବାଈଙ୍କ ଭଳି ଦେଶର ପ୍ରତିରକ୍ଷାରେ ନିଜର ବୀରତ୍ୱ ଓ ସାମର୍ଥ୍ୟ ପ୍ରଦର୍ଶନ କରୁଛନ୍ତି । ଆଗାମୀ ଦିନରେ ବୀରଗାଥାରେ ଆଉ କିଛି ଦିଗ ଯୋଡ଼ାଯିବା ଦରକାର । ଟେକ୍ନୋଲୋଜି ସାହାଯ୍ୟରେ ଆମ ଅନାଲୋଚିତ ନାୟକଙ୍କ କାହାଣୀକୁ ଭିଡିଓ ଷ୍ଟୋରୀ ଆକାରରେ ନୂଆ ପିଢ଼ିଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ । ପ୍ରତ୍ୟେକ ବିଦ୍ୟାଳୟରେ "ବୀର ଗାଥା କର୍ଣ୍ଣର" ପ୍ରତିଷ୍ଠା କରି ଆମେ ଆମ ସଂସ୍କୃତି ଓ ବୀରତ୍ୱର ପରମ୍ପରାକୁ ଅଧିକ ଜୀବନ୍ତ କରିପାରିବା ଏବଂ ନୂତନ ପିଢ଼ିକୁ ପ୍ରେରଣା ଦେଇପାରିବା । ବୀର ଗାଥା ଆମର ସାମରିକ ଇତିହାସ ଓ ସାଂସ୍କୃତିକ ଗୌରବର ପ୍ରତୀକ । ଶ୍ରୀ ପ୍ରଧାନ କହିଛନ୍ତି ଯେ ବୀର ଗାଥା ପ୍ରତିଯୋଗିତାରେ ୨.୫ ଲକ୍ଷରୁ ଅଧିକ ସ୍କୁଲର ୧.୭୬ କୋଟି ଛାତ୍ରଛାତ୍ରୀ ଚିତ୍ରାଙ୍କନ, ଚିତ୍ରକଳା, ପ୍ରବନ୍ଧ ଲେଖିବା ଭଳି କାର୍ଯ୍ୟରେ ଅଂଶଗ୍ରହଣ କରି ଦେଶ ପ୍ରତି ଅତୁଳନୀୟ ସେବା ଓ ବଳିଦାନ ପାଇଁ ବୀରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏହି କାର୍ଯ୍ୟକ୍ରମ ଧୈର୍ଯ୍ୟ ଏବଂ ଜାତୀୟ ଗୌରବର ମୂଲ୍ୟବୋଧ ସୃଷ୍ଟି କରିବାରେ ସହାୟକ ହେବ ଏବଂ ଛାତ୍ରଛାତ୍ରୀମାନଙ୍କୁ ଦେଶର ପ୍ରଗତିରେ ଯୋଗଦାନ କରିବାକୁ ପ୍ରେରଣା ଯୋଗାଇବ । ବୀରତା ପୁରସ୍କାର ବିଜେତାଙ୍କୁ ଉତ୍ସାହ ଓ ସମ୍ମାନ ସହ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ସେ ସୁପର-୧୦୦ ପୁରସ୍କାର ବିଜେତାଙ୍କୁ ସେମାନଙ୍କ ସଫଳତା ପାଇଁ ପ୍ରଶଂସା କରିଥିଲେ ।

## ଜାତୀୟ ମତଦାନ ଦିବସ ଉପଲକ୍ଷେ ପାଠଚକ୍ର



ବୁଗୁଡା **୨୭/୧(ନି.ପ୍ର):** ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବୁଗୁଡା ପିପୁଲସ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ମତଦାନ ଦିବସ ପାଳନ ଉପଲକ୍ଷେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ପାଠଚକ୍ରକୁ କଲେଜର ପ୍ରିନ୍ସିପାଲ ପ୍ରଫେସର ହରିକୃଷ୍ଣ ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ସାହୁ ପାଠଚକ୍ରର ବିଷୟବସ୍ତୁ ନେଇ ଆଲୋକପାତ କରିଥିଲେ । ଯୁକ୍ତ ତିନି ଦ୍ୱିତୀୟ ବର୍ଷ ଛାତ୍ରୀ ଜ୍ୟୋତି ପାଣିଗ୍ରାହୀ ଓ ପୂଜା ସ୍ୱାଇଁ ସନ୍ଦର୍ଭ ଶୀର୍ଷକ ' Women Prarticipagtion in Indian Elections : Trends and Challenges' କୁ ପଠନ କରିଥିଲେ । ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଡକ୍ଟର ବିନୋଦ କୁମାର କର, ଲୋକନାଥ ବେହେରା ଓ ପବିତ୍ର ଖଣ୍ଡୁଆଳ ଆଲୋଚନାରେ ଅଂଶ ଗ୍ରହଣ କରି ମହିଳାମାନଙ୍କ ନିର୍ବାଚନରେ ଅଂଶ ଗ୍ରହଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ୭୦ ଜଣ ଛାତ୍ରଛାତ୍ରୀ ଏହି ପାଠଚକ୍ରରେ ଯୋଗଦେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ପୂଜା ଗୌଡ଼, ରେସ୍ମା ସେଠୀ, ମିତାଲି ଜେନା, ଆଶିଷ କୁମାର ଖଡଙ୍ଗା ଓ ଅମର ନାୟକ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଛାତ୍ରୀ ରେସ୍ମା ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଡ୍ୟୁଟିରେ ୩ ଡାକ୍ତର ଅନୁପସ୍ଥିତ

### ସ୍ପଷ୍ଟୀକରଣ ମାଗିଲେ ସିଡିଏମ୍‌ଓ

ବ୍ରହ୍ମପୁର **୨୭/୧(ନି.ପ୍ର):** ଗଞ୍ଜାମ ଜିଲ୍ଲାର ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍ ?ଓ) ଡା. ବିଜୟ ପଣ୍ଡା ଯଥାସମ୍ଭବ ଉଦ୍ୟମ ଜାରି ରଖିଛନ୍ତି । ଏଥିପାଇଁ ସେ ବିଭିନ୍ନ ସମୟରେ ଜିଲ୍ଲାର ସିଏଚ୍‌ସି ଓ ପିଏଚ୍‌ସିଙ୍କୁ ଅଚାନକ ଗସ୍ତ କରି ଚିକିତ୍ସାସେବା ଅନୁଧ୍ୟାନ କରୁଛନ୍ତି । ବୁଧବାର ସିଡିଏମ୍‌ଓ ଡା. ପଣ୍ଡା ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ସୁନ୍ଦରପୁର ପିଏଚ୍‌ସି ଓ ମୁନିଷିପେଣ୍ଠ ସିଏଚ୍‌ସି ଅଚାନକ ପରିଦର୍ଶନ କରିଛନ୍ତି । ଉଭୟ ଡାକ୍ତରଖାନାରେ ୩ଜଣ ଡାକ୍ତର ଡ୍ୟୁଟିରେ ଅନୁପସ୍ଥିତ ଥିବା ଦେଖିଥିଲେ । ଏଣୁ ଆଜି ଦିନକର ଦରମା ବନ୍ଦ କରିବା ପାଇଁ ସିଡିଏମ୍‌ଓ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ବିନା ଅନୁମତିରେ ଛୁଟିରେ ରହିବା ଯୋଗୁଁ ସମସ୍ତଙ୍କୁ ସ୍ପଷ୍ଟୀକରଣ ମଗାଯାଇଛି । ସୁନ୍ଦରପୁର ପିଏଚ୍‌ସିରେ ଡା. ଅନିକେତ ତ୍ରିପାଠୀ ଡ୍ୟୁଟିରେ ଅନୁପସ୍ଥିତ ଥିବା ବେଳେ ମୁନିଷିପେଣ୍ଠ ସିଏଚ୍‌ସିରେ ଡା. ଚନ୍ଦ୍ରଶେଖର ମିଶ୍ର ଓ ଡା. ସ୍ମୃତିସାଗର ନାୟକ ଅନୁପସ୍ଥିତ ଥିଲେ ।

## ଦିଲ୍ଲୀ ନିର୍ବାଚନ ମଇଦାନ ରେ କେନ୍ଦୁଝର ସାଂସଦ

ପାଟଣା **୨୭/୧(ନି.ପ୍ର):** ଫେବୃଆରୀ ମାସରେ ଅନୁଷ୍ଠିତ ହେବାକୁ ଯାଉଥିବା ଦିଲ୍ଲୀ ବିଧାନ ସଭା ସାଧାରଣ ନିର୍ବାଚନରେ ପ୍ରଚାର ପାଇଁ କେନ୍ଦୁଝର ସାଂସଦ ଅନନ୍ତ ନାୟକ ବିଜେପି ଦଳର ପ୍ରଚାରକ ଭାବେ ମଇଦାନରେ ଥିବା ସୂଚନା ମିଳିଛି । ଜାନୁୟାରୀ ଦ୍ୱିତୀୟ ସପ୍ତାହରୁ ସେ ଦିଲ୍ଲୀ ଯାଇ ସେଠାରେ ଦଳର ପାର୍ଥିଙ୍କ ସପକ୍ଷରେ ପ୍ରଚାର ଚଳାଇଛନ୍ତି । ଦିଲ୍ଲୀ ବିଧାନସଭାର ଶାହଦରା ଆସନ ରେ ବିଜେପି ପାର୍ଥି ଥିବା ସଞ୍ଜୟ ଗୋୟଲଙ୍କ ପାଇଁ ସେ ମାରାଥନ ପ୍ରଚାର କରିଛନ୍ତି । ନିଜର ଭାଷଣରେ ସାଧାରଣ ଲୋକଙ୍କ ହୃଦୟ ଜିତୁଥିବା କେନ୍ଦୁଝର ସାଂସଦ ଅନନ୍ତ ନାୟକ ଦିଲ୍ଲୀ ବିଧାନସଭା ଆସନ ଗୁଡିକ ପାଇଁ ଦଳର ଜଣେ ଆଗ ଧାଡ଼ିର ପ୍ରଚାରକ ଥିବାରୁ ଦଳୀୟ କର୍ମୀ ମାନେ ବେଶ ଉତ୍ସାହିତ ଥିବା ଜଣାପଡିଛି ।

## ରାମନାରାୟଣ ମହାନ୍ତି -ହେଲେ ଜିଲ୍ଲା ବିଜେପି ସଭାପତି



ନିଶ୍ଚିନ୍ତକୋଇଲ**୨୭/୧(ନି.ପ୍ର):** ବିଜେପି ସାଂଗଠନିକ କଟକ ସଦର ଜିଲ୍ଲା ସଭାପତି ଭାବେ ରାମନାରାୟଣ ମହାନ୍ତି ପୁନଃ ମନୋନୀତ ହୋଇଛନ୍ତି । ଶ୍ରୀ ମହାନ୍ତି ଦୀର୍ଘ ଦିନରୁ ଭାରତୀୟ ଜନତାପାର୍ଟିର ଜଣେ ସକ୍ରିୟ ସଦସ୍ୟ ଭାବେ ନିଷ୍ଠାର ସହିତ ଦଳୀୟ ସାଂଗଠନିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି । ତାଙ୍କର ସାଂଗଠନିକ ଦକ୍ଷତା ପାଇଁ ସେ ବିଜେପି ସାଂଗଠନିକ କଟକ ସଦର ଜିଲ୍ଲାର ପ୍ରତ୍ୟେକ ମଣ୍ଡଳ ଠାରୁ ନେଇ ବୁଥ୍ ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ପ୍ରିୟପାତ୍ର ହୋଇ ପାରିଛନ୍ତି । ପୂର୍ବରୁ ଶ୍ରୀ ମହାନ୍ତି ଏହି ପଦବୀରେ ରହି ତାଙ୍କୁ ଦଳ ତରଫରୁ ମିଳିଥିବା ଗୁରୁଦାୟିତ୍ୱକୁ ସୁଚାରୁ ରୂପେ ପରିଚାଳନା କରିଥିବାରୁ ରାଜ୍ୟ ବିଜେପି ତାଙ୍କ ଉପରେ ପୁନଃ ଆସ୍ଥା ପ୍ରକଟ କରି ଦ୍ୱିତୀୟ ଥର ଭାବେ ତାଙ୍କୁ ବିଜେପି ସାଂଗଠନିକ କଟକ ସଦର ଜିଲ୍ଲାର ସଭାପତି ଭାବେ ମନୋନୀତ କରିଛନ୍ତି । ବିଜେପି ରାଜ୍ୟକାର୍ଯ୍ୟାଳୟରୁ ସୂଚନା ଆସିବା ପରେ ମାହାଙ୍ଗା ବିଜେପି ପରିବାରରେ ଆନନ୍ଦର ଲହରୀ ଖେଳିଯାଇଛି । ମାହାଙ୍ଗା ବିଜେପି ନେତା ସୁମନ୍ତ ଘଡେଇ, ଅସୁରେଶ୍ୱର ମଣ୍ଡଳ ବିଜେପି ସଭାପତି ପ୍ରଣବ ବେହେରା, ପୂର୍ବତନ ସମିତିସଭ୍ୟ ମଳୟ ଘଡାଇ, ବିଜେପି କାର୍ଯ୍ୟକର୍ତ୍ତା ସୁବ୍ରତ ମହାନ୍ତି, ହରପ୍ରସାଦ ପୃଷ୍ଟି, ଅହଲ୍ୟା ଜେନା, ଅଜୟ ମହାପାତ୍ର, ଶଙ୍କର୍ଷଣ ସ୍ୱାଇଁ, ଉତ୍କଳରଂଜନ ସ୍ୱାଇଁ, ରାଜେଶ କୁମାର ବେହେରା, ସତ୍ୟରଂଜନ ମିଶ୍ର, ଆକାଶ ଚନ୍ଦ୍ର ଦାସ, ନଗସପୁର ମଣ୍ଡଳ ସଭାପତି କୈଳାସ ବେହେରା, କୁଳମଣୀ ରାଉତ, ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଫୁଲ୍ଲ କୁମାର ମହାପାତ୍ର, ହିଂମାଶୁ ବାରିକ, ବିକାଶ ସ୍ୱାଇଁ, ଅଙ୍କିତ୍ ଚାନ୍ଦ ପ୍ରମୁଖଙ୍କ ସମେତ ବହୁ ବିଜେପି କାର୍ଯ୍ୟକର୍ତ୍ତା ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜିଲ୍ଲାସଭାପତି ଶ୍ରୀ ମହାନ୍ତିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

## ବିଧାୟକଙ୍କ ଦ୍ୱାରା ପଠାର ତଟ ସୁରକ୍ଷା ପାଇଁ ଶୁଭଶିଳାନ୍ୟାସ



ନିଶ୍ଚିନ୍ତକୋଇଲି **୨୭/୧(ନି.ପ୍ର):** ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅନ୍ତର୍ଗତ କେନ୍ଦୁପାଟଣା ଜଳସଂପଦ କାର୍ଯ୍ୟାଳୟ ନିକଟସ୍ଥ ଚିତ୍ରୋତ୍ପଳା ବାମପଟ ନଦୀ ପଠାର ତଟ ସୁରକ୍ଷା କାର୍ଯ୍ୟର ଶୁଭଶିଳାନ୍ୟାସ ମାହାଙ୍ଗା ବିଧାୟକ ଶ୍ରୀମାନ୍ ଶାରଦା ପ୍ରସାଦ ପ୍ରଧାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । କେନ୍ଦୁପାଟଣା ଅଂଚଳବାସୀଙ୍କ ଜୀବନ ଜୀବିକା ପାଇଁ ଏହି ଚିତ୍ରୋତ୍ପଳା ନଦୀ ପଠା ହିଁ ଏକମାତ୍ର ମାଧ୍ୟମ । ଏଠାକାର ଚାଷୀମାନଙ୍କର ନିଜସ୍ୱ ଚାଷ ଜମି କମ୍ । ଅଂଚଳବାସୀ ପଠା ଚାଷ କରି ପଠାରେ ବିଭିନ୍ନ ପ୍ରକାର ପନିପରିବା କୋଳଥ, ସୋରିଶ, ଆଦି ଫସଲ ଚାଷ କରିଥାଆନ୍ତି । ବିଗତ ଦିନରେ ଚିତ୍ରୋତ୍ପଳା ନଦୀର ଦକ୍ଷିଣ ପଟରେ ତଟ ସୁରକ୍ଷା ହୋଇଥିବାରୁ ଏଠାକାର ପଠା ଗୁଡିକ ଆସ୍ତେ ଆସ୍ତେ ଧୋଇ ହୋଇ ଯିବାରୁ ଚାଷଜମି ସଂକୁଚିତ ହୋଇଯାଇଥିଲା । ବାମପଟରେ ଏହି ତଟ ସୁରକ୍ଷା ହେଲେ ଧୀରେ ଧୀରେ ଉକ୍ତ ଅଂଚଳରେ ପଠା ଚାଷ ଜମି ବଢ଼ିବା ସହିତ ଚାଷୀମାନେ ସେଠାରେ ଚାଷ କରି ନିଜର ପରିବାର ପ୍ରତିପୋଷଣ କରିପାରିବେ । ବିଧାୟକଙ୍କ ଏଭଳି କାର୍ଯ୍ୟକୁ କେନ୍ଦୁପାଟଣାବାସୀ ଭୂୟଶୀ ପ୍ରଶଂସା କରିଛନ୍ତି ।

## ବିଜେପିର ମଣ୍ଡଳ ସଭାପତି ସୋମନାଥ ରେ ବିଜୟ - ଏମ୍ବ ରେ ବବିତା

ଜଟଣୀ **୨୭/୧(ନି.ପ୍ର):** କେନ୍ଦ୍ର ପରେ ଓଡିଶାରେ ବିଜେପିର ବାଜିମାତ୍ ପରେ ଡବଲଇଞ୍ଜିନ୍ ସରକାର ନିଜ ସଂଗଠନକୁ ସଶକ୍ତ କରିବାରେ ଲାଗିପଡିଛି । ଜଟଣୀ ବିଧାନମଣ୍ଡଳୀ ବିଜେପି ହାତରୁ ଖସିଯାଇଥିବା ବେଳେ ଭୁବନେଶ୍ୱର ସାଂସଦ ଅପରଜିତା ଷଡଙ୍ଗୀ ଏବଂ ବିଧାୟକ ପ୍ରାର୍ଥୀ ସଂଗଠନକୁ ମଜବୁତ୍ କରିବାରେ ଅଣ୍ଟା ଭିଡିଛନ୍ତି । ବିଭିନ୍ନ ମଣ୍ଡଳ ରେ ଦାୟୀତ୍ୱ ବଣ୍ଟନ । କରି ସଭାପତି ଚୟନ କରାଯାଇଛି । ଏମ୍ବ ଓ ସୋମନାଥ ବିଧାନମଣ୍ଡଳୀ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ଥିବାବେଳେ ଦୁଇ ପ୍ରମୁଖ । ବ୍ୟକ୍ତି ଯଥାକ୍ରମେ ସୋମନାଥ ମଣ୍ଡଳରୁ ବିଜୟ କୁମାର ସ୍ୱାଇଁ ଏବଂ ଏମ୍ବ ମଣ୍ଡଳରୁ ସଭାନେତ୍ରୀ ଭାବେ ବବିତା ଜେନାଙ୍କୁ ଚୟନ କରାଯାଇଛି । ଉଭୟ ନବ ନିଯୁକ୍ତ ସଭାପତି ସାଂଗଠନିକ କ୍ଷେତ୍ରରେ କହିକାହାକୁ କମ ନୁହଁନ୍ତି । ଛାତ୍ର ଅବସ୍ଥାରୁ ବିଜୟ କୁମାର ସ୍ୱାଇଁ କଲେଜ ରାଜନିତିରେ ପ୍ରତିନିଧିତ୍ୱ କରି ବହୁ ସଫଳତା ସାଉଁଟିଥିବା ବେଳେ ଭରପୁର ରାଜନୈତିକ ଦକ୍ଷତା ମଧ୍ୟ ରହିଛି । କୁସୁମାଟିଛଣଘର ପଞ୍ଚାୟତର ଜଣେ ଜଣାସୁଣା ଲୋକପ୍ରିୟ ବ୍ୟକ୍ତିତ୍ୱ । ସେହିପରି ବବିତା ଜେନା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓ ବର୍ତ୍ତମାନ ଭାରତର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ଯୋଗଦାନ କରିବାପରେ ତୃଣମୂଳ ସ୍ତରରୁ ସଂଗଠନ କୁ ମଜବୁତ୍ କରିବାପାଇଁ ପ୍ରୟାସ ଜାରି ରଖିଥିଲେ । ତାଙ୍କର କାର୍ଯ୍ୟ ଦକ୍ଷତାକୁ ନଜରରେ ରଖି ଦଳର ମୁଖିଆ ତାଙ୍କୁ ଏମ୍ବ ମଣ୍ଡଳ ଦାୟିତ୍ୱ ପ୍ରଦାନ କରିଛନ୍ତି । ଶ୍ରୀମତି ଜେନାଙ୍କର ଲୋକପ୍ରିୟତା ଓ ଅସହାୟ ସାଧାରଣଙ୍କ ପ୍ରତି ସହାୟତାର ହାତ ରହିଛି ବୋଲି ସ୍ଥାନୀୟ ବାସୀନ୍ଦା ଉଲେଖ କରିଛନ୍ତି । ଉଭୟ ନବନିର୍ବାଚିତ ମଣ୍ଡଳ ସଭାପତି ସାଂସଦ ଅପରଜିତା ଷଡଙ୍ଗୀ,ବିଧାୟକ ପ୍ରାର୍ଥୀ ବିଶ୍ୱରଂଜନ ବଡଜେନା,ବିଜେପି ନେତା ସୁଦୀପ୍ତ ରାୟଙ୍କ ସହ ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତିଙ୍କୁ ଭୁରିଭୁରି ପ୍ରସଂଶା କରିଥିଲେ ।

## ରାସ୍ତାରେ ଗର୍ଜିଲେ ମିଶନ ଶକ୍ତିର ୬ ହଜାର ମହିଳା



ବାରିପଦା,୨୭/୧: ଗତ ବିଜେଡି ସରକାର ସମୟରେ ସବୁଠୁ ଚଳଚଞ୍ଚଳଥିବା 'ମିଶନ୍ ଶକ୍ତି' ବିଭାଗ ମୟୂରଭଞ୍ଜ ଜିଲ୍ଲାରେ ଏବେ କୋମାରେ ରହିଛି । ଗତ ୫ଟି ଆର୍ଥିକ ବର୍ଷ ଅର୍ଥାତ ୨୦୨୪ ମାର୍ଚ୍ଚ ସୁଦ୍ଧା ମୟୂରଭଞ୍ଜ ଜିଲ୍ଲାକୁ ମିଶନ୍ ଶକ୍ତି ବିଭାଗ ପକ୍ଷରୁ ୧୦୦ କୋଟି ଟଙ୍କାର ଆର୍ଥିକ ଅନୁଦାନ ଆସିଥିଲା । ପରନ୍ତୁ ବିଜେପିର ନୂଆ ସରକାର ଗଠନ ହେବାର ୭ ମାସ ବିତିଲାଣି; କିନ୍ତୁ ଜିଲ୍ଲା ମିଶନ୍ ଶକ୍ତି ବିଭାଗକୁ ଟଙ୍କାଟିଏ ବି ଅନୁଦାନ ଆସିନାହିଁ । ଏହି ବିଭାଗକୁ ବନ୍ଦ ଅବା ପୁନର୍ଗଠନ କରି ଦିଆଯିବ ବୋଲି ଅମଲାତାନ୍ତ୍ରିକ ଦପ୍ତରରେ ଜୋରଦାର ଆଲୋଚନା ହେଉଛି । ଯାହାକୁ ନେଇ ମିଶନଶକ୍ତି ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ମିଶନ ଶକ୍ତିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଣଦେଖା କରାଯାଉଥିବାର ଅଭିଯୋଗ ହୋଇଛି । ଯାହାକୁ ନେଇ ବାରିପଦାରେ ୬ହଜାରରୁ ଉର୍ଦ୍ଧ୍ୱ ମହିଳା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ମିଶନ ଶକ୍ତିକୁ ପୁନର୍ଗଠନ କରିବାକୁ ବିରୋଧ ଓ ସ୍ଥାୟୀ ନିଯୁକ୍ତି ଦାବିରେ ୬ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବ୍ଲକ ସ୍ତରୀୟ ୬,୦୦୦ଉର୍ଦ୍ଧ୍ୱ ଇସି ଗ୍ରୁପ ସଦସ୍ୟା ମାନେ କାର୍ଯ୍ୟ କରି ଆସୁଛନ୍ତି । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ମଧ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବାରେ ମୁଖ୍ୟ କାର୍ଯ୍ୟ କରୁଛନ୍ତି । କିନ୍ତୁ ରାଜ୍ୟ ସରକାରଙ୍କ ତାଙ୍କ ପ୍ରତି ଦୃଷ୍ଟି ଦେଉନାହାନ୍ତି । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସଂଗଠିତ କରିବା, ସେମାନଙ୍କୁ ଆର୍ଥିକ ପରିଚାଳନାରେ ତାଲିମ ଦେବା, ପ୍ରୋତ୍ସାହିତ କରିବା ଆଦି କାର୍ଯ୍ୟ କରାଯାଇଥାଏ । ଏହା ସହିତ ମିଶନ ଶକ୍ତି ସିଆରପି ଓ ଏମବିକେ ମାନଙ୍କ କାର୍ଯ୍ୟ ତଦାରଖ ମଧ୍ୟ କରିଥାନ୍ତି । ଏହାପରେ ସ୍ୱଳ୍ପ ବେତନରେ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଛନ୍ତି । ସରକାରଙ୍କ ପ୍ରତି କାର୍ଯ୍ୟରେ ସହାୟତା କରୁଥିଲେ ସୁଦ୍ଧା ନିୟମିତ ହେଲେ ନାହିଁ । ବର୍ତ୍ତମାନ ପୁନର୍ଗଠନ କରିବା ଆଳରେ ରାଜ୍ୟ ସରକାର ମିଶନ ଶକ୍ତି ବନ୍ଦ କରିବା ପାଇଁ ଯୋଜନା କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି । ବରିଷ୍ଠତା, ଅଭିଜ୍ଞତାକୁ ଭିତ୍ତି କରି ପୁରସ୍କାର ଦେବା ପରିବର୍ତ୍ତେ ରାଜ୍ୟ ସରକାର ଅଣଦେଖା କରୁଛନ୍ତି । ଯାହା ଦ୍ୱାରା ବ୍ଲକ, ପଞ୍ଚାୟତ ଓ ଗ୍ରାମ ସ୍ତରରେ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ମଧ୍ୟରେ ଅସ୍ଥିରତା ସୃଷ୍ଟି କରାଯାଉଛି । ଯାହାକୁ ନେଇ ବ୍ଲକ ସ୍ତରୀୟ ଇସି ସଦସ୍ୟ ମାନେ ହଜାର ହଜାର ସଂଖ୍ୟାରେ ସଂଘ ବଦ୍ଧ ହୋଇ ଦାବି ଉପସ୍ଥାପନ କରିଛନ୍ତି । ମିଶନ ଶକ୍ତି ମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ମାସିକ ବେତନ ପ୍ରଦାନ, ମୁଣ୍ଡ ପିଛା ହାରାରେ ଭତ୍ତା ପ୍ରଦାନ, ସହରାଞ୍ଚଳ କାର୍ଯ୍ୟରତଙ୍କୁ ମାସିକ ଭତ୍ତା ସୁନିଶ୍ଚିତ କରିବା, ବରିଷ୍ଠତା ଭିତ୍ତିରେ ପଦୋନ୍ନତି, ମିଶନ ଶକ୍ତି ସଦସ୍ୟାଙ୍କୁ ସାମାଜିକ ନିରାପତ୍ତା ପ୍ରଦାନ, ବୀମା ସୁବିଧା, ୬୫ବର୍ଷ ପରେ ପେନସନ ପ୍ରଦାନ, ଦୁର୍ଘଟଣା ବୀମା ୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ଓ ମିଶନ ଶକ୍ତିକୁ ଅର୍ଥନୀତି ସମୃଦ୍ଧିକୁ ତ୍ୱରାନ୍ୱିତ କରିବା ଆଦି ଦାବି ଉପସ୍ଥାପନ କରିଛନ୍ତି । ସୂଚନାଯୋଗ୍ୟ ମିଶନଶକ୍ତି ଯୋଜନାରେ ଆସୁଥିବା ଅନୁଦାନ ଅର୍ଥ ବିଶେଷ କରି ଜିଲ୍ଲାର ମହିଳାଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଖର୍ଚ୍ଚ ହେଉଥିଲା । ମହିଳା ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ ଏବଂ ସେମାନଙ୍କ ଜୀବନ ଜୀବିକାର ବିକାଶ ନେଇ ଏହି ଟଙ୍କା ଖର୍ଚ୍ଚ ହେଉଥିଲା । ମୟୂରଭଞ୍ଜ ଜିଲ୍ଲାରେ ମୋଟ ୪୦ ହଜାର ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ ହୋଇଥିବା ବେଳେ ୪ ଲକ୍ଷ ୪୨ ହଜାର ମହିଳା ପଞ୍ଜୀକୃତ ହୋଇଛନ୍ତି । ଗ୍ରାମ୍ୟସ୍ତରରେ ସିଏଲ୍‌ଏଫ୍ (କ୍ଲଷ୍ଟରସ୍ତରୀୟ ସଂଘ), ଜିପିଏଲ୍‌ଏଫ୍ (ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘ), ବିଏଲ୍‌ଏଫ୍(ବ୍ଲକସ୍ତରୀୟ ସଂଘ) ଏବଂ ଡିଏଲ୍‌ଏଫ୍ (ଜିଲ୍ଲାସ୍ତରୀୟ ସଂଘ) ଗଠନ କରାଯାଇ ସଦସ୍ୟାଙ୍କୁ ବିଭିନ୍ନ ପ୍ରକାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଗତ ୫ବର୍ଷରେ ଆସିଥିବା ୧୦୦ କୋଟି ଅନୁଦାନ ଟଙ୍କା ମହିଳାଙ୍କ ଜୀବନ ଜୀବିକାର ବିକାଶ ଯଥା ଛତୁ, ଫୁଲ, କୁକୁଡ଼ା, ଛେଳି, ବତକ, ମେଣ୍ଢା ଚାଷ, ଋଣ ପ୍ରଦାନ, ମହିଳାଙ୍କୁ ବ୍ଲେଜର ଓ ୟୁନିଫର୍ମ ପ୍ରଦାନ ଏବଂ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବାବଦରେ ଖର୍ଚ୍ଚ ହୋଇଛି । ଏପରିକି ଜିଲ୍ଲାର ଅନେକ ମହିଳା ବିଦେଶ ଯାଇ ଅଭିଜ୍ଞତା ସାଉଁଟିଥିଲେ । ଏହାସହିତ ମହିଳାମାନଙ୍କୁ ବ୍ୟାଙ୍କ ଲିଙ୍କେଜ ଜରିଆରେ ଋଣପ୍ରଦାନ କରାଯାଇଛି । ଗତ ବର୍ଷକ ତଳେ ସ୍ୱୟଂ ସହାୟିକା ମହିଳାଙ୍କ ପାଇଁ ମିଶନଶକ୍ତି ସ୍କୁଟର ଯୋଜନା ଆରମ୍ଭ ହୋଇଥିଲା । ଏହି ଯୋଜନାରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ବ୍ୟାଙ୍କମିତ୍ର, କମ୍ୟୁନିଟି ରିସୋର୍ସ ପର୍ସନ, ମାଷ୍ଟର ବ୍ଲକ କିପର, ପ୍ରାଣୀ ମିତ୍ର, କୃଷି ମିତ୍ର, ଜିପିଏଲଏଫ୍, ବିଏଲ୍‌ଏଫ୍ ଏବଂ ଡିଏଲ୍‌ଏଫର ନେତ୍ରୀମାନଙ୍କୁ ସ୍କୁଟି କିଣିବା ନିମନ୍ତେ ସରକାର ବ୍ୟାଙ୍କ୍ ? ? ଜରିଆରେ ୧ ଲକ୍ଷ ଟଙ୍କା ବିନା ସୁଧରେ ଋଣ ପ୍ରଦାନ କରି ଆସୁଥିଲେ । କିନ୍ତୁ ନୂଆସରକାର ତାହାକୁ ଏବେ ବନ୍ଦ କରିଦେଇଛନ୍ତି । ଯାହାକୁ ବିରୋଧ କରି ଆଜି ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

## ମାହାଙ୍ଗା ବିଧାୟକଙ୍କ ଜନ ଅଭିଯୋଗ ଶୁଣାଣୀ ଓ କୃତଜ୍ଞତା ସଭା

ନିଶ୍ଚିନ୍ତକୋଇଲି**୨୭/୧(ନି.ପ୍ର):** ତା. ୨୫.୦୧.୨୦୨୫ ରିଖ ଶନିବାର ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅନ୍ତର୍ଭୁକ୍ତ କେନ୍ଦୁପାଟଣା ପଂଚାୟତରେ ଏକ ଜନଅଭିଯୋଗ ଶୁଣାଣୀ ଓ କୃତଜ୍ଞତା ସଭା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ମାହାଙ୍ଗା ସ୍ୱାଧୀନ ବିଧାୟକ ଶ୍ରୀମାନ୍ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇଥିଲେ । କେନ୍ଦୁପାଟଣା ପଂଚାୟତରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣୀ ଓ କୃତଜ୍ଞତା ସଭା ମ□ରେ କେନ୍ଦୁପାଟଣା ପଂଚାୟତର କେହି ବି ନେତୃସ୍ଥାନୀୟ ବ୍ୟକ୍ତି ମ□ାସୀନ ହୋଇନଥିବା ବେଳେ ପଡୋଶୀ ପଂଚାୟତ ବୁହାଳୋ, ରାମକୃଷ୍ଣପୁର, ନିଶ୍ଚିନ୍ତକୋଇଲି, ଫଗୋଳ, କୋଳଣପୁର, ବନ୍ଧକାଟିଆ, ପଂଚାୟତ ସମେତ ଅନେକ ପଂଚାୟତରୁ ବିଧାୟକଙ୍କ ସମର୍ଥକମାନେ ମ□ାସୀନ ହୋଇଥିବା ଦେଖିବାକୁ ମିଳିଥିଲା ।

## ନୀରବ ଦର୍ଷ୍ଟା ସାଜିଛନ୍ତି ଉଚ୍ଚ ପଦସ୍ଥ ଅଧିକାରୀ ଜାତୀୟ ସ୍ୱାସ୍ଥ୍ୟ ମିଶନ କବଳରେ ସ୍ୱାସ୍ଥ୍ୟ ବିଭାଗ ବଳି ପଡିଲେ ଝାଡୁଦାର

ନିମାପଡା **୨୭/୧(ନି.ପ୍ର):** ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଅନିୟମିତତା ଦିନକୁ ଦିନ ବଢୁଥିବା ସାଧାରଣ ରେ ଅଭିଯୋଗ ହୋଇ ଆସୁଛି । ଏଠାରେ ଥିବା ମୂଖ୍ୟ ଚିକିତ୍ସା ଅଧିକାରୀଙ୍କ ଅପାରଗତା ଯୋଗୁଁ ଜାତୀୟ ସ୍ୱାସ୍ଥ୍ୟ ମିଶନ ର କିଛି କର୍ମଚାରୀ ନିଜକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ମୂଖ୍ୟ କାର୍ଯ୍ୟକର୍ତ୍ତା ଭାବି କାର୍ଯ୍ୟ କରୁଥିବା ବେଳେ ସରକାରୀ କର୍ମଚାରୀ ମାନେ ଅବହେଳିତ ଓ ଅସନ୍ତୋଷ ପ୍ରକାଶ କରୁ ଛନ୍ତି । ସୂଚନା ଥାଉ କି ପୂର୍ବରୁ ଗଣମାଧ୍ୟମ ଓ ଖବର କାଗଜ ରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ର କିରାଣୀ କରିଥିବା ବ୍ୟାପକ ଦୁର୍ନୀତି ର ଖବର ପ୍ରଚାର ପ୍ରସାର ହୋଇଥିଲେ ମଧ୍ୟ ସେ ବିଷୟ ରେ ସ୍ୱାସ୍ଥ୍ୟ ବିଭାଗ ର ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଆଖି ବନ୍ଦ କରି ଜାତୀୟ ସ୍ୱାସ୍ଥ୍ୟ ମିଶନ ର କବଳିତ ହୋଇ ନୀରବ ରହିବା ଓ ସେମାନଙ୍କୁ ସହଯୋଗ କରିବା ଦୁର୍ନୀତି କୁ ପ୍ରଶୟ ଦେବା ସାଧାରଣ ରେ ଚର୍ଚ୍ଚା ହେଉଛି । ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ କାର୍ଯ୍ୟରତ ଜଣେ ଝାଡୁଦାର ନିଜ କାର୍ଯ୍ୟ ବ୍ୟତୀତ ବର୍ଷ ବର୍ଷ ଧରି ଅନେକ ବାହ୍ୟ କାର୍ଯ୍ୟ କରୁଥିଲେ ଯାହାକି,ପାଣି, ଇଲେକ୍ଟ୍ରିକାଲ ଓ ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ଇତ୍ୟାଦି କିନ୍ତୁ ପରେ ସେହି ବ୍ୟକ୍ତି ଯେତେବେଳେ ଜାଣିବାକୁ ପାଇଥିଲେ କି ସେ କରୁଥିବା କାର୍ଯ୍ୟ ସବୁ କୁ ନେଇ ଲକ୍ଷ ଲକ୍ଷ ଟଙ୍କା ଜାତୀୟ ସ୍ୱାସ୍ଥ୍ୟ ମିଶନ ର କିରାଣୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ମୂଖ୍ୟ ଚିକିତ୍ସା ଅଧିକାରୀ ମିଳିତ ଭାବେ ଅର୍ଥ ତୋଷର ପାତ କରୁଛନ୍ତି । ପରେ ସେହି ବ୍ୟକ୍ତି କରୁଥିବା କାର୍ଯ୍ୟ ସବୁ ବନ୍ଦ କରି ଦେଇଥିଲେ ଯାହା ଫଳରେ କି, ସେମାନଙ୍କୁ ତୋଷର ପାତ କରିବାରେ ରେ ସମସ୍ୟା ହେବାରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ କିରାଣୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ମୂଖ୍ୟ ଚିକିତ୍ସା ଅଧିକାରୀ ମିଶି ଉଦ୍ଦେଶ୍ୟ ମୂଳକ ଭାବରେ ହଇରାଣ ହରକତ କରିବା ଓ ପରେ ବିନା କାରଣରେ ବଦଳି କରିବା ସାଧାରଣ ରେ ଚର୍ଚ୍ଚା ହେଉଛି । ତେଣୁ ଏଠାରେ ଅନେକ ପ୍ରଶ୍ନବାଚୀ ଉଙ୍କି ମାରୁଥିବା ବେଳେ ଏ ସବୁ ସମସ୍ୟା ତଦନ୍ତ ସାପେକ୍ଷ ହୋଇ ଥିବାରୁ ଏ ସମସ୍ୟା ର ଉଚ୍ଚ ସ୍ତରୀୟ ତଦନ୍ତ ନିମନ୍ତେ ସରକାର ଙ୍କ ନିକଟରେ ସାଧାରଣ ରେ ଦାବି ହେଉଛି ।

## ବିଜେଡିର ତିନି ପୁରୁଣାକର୍ମୀ : ଆର.ଜେ.ଡି - - - ସମ୍ଭାଳୁଛନ୍ତି ମାହାଙ୍ଗା ବିଧାୟକଙ୍କ ଭାଡି

ନିଶ୍ଚିନ୍ତକୋଇଲି**୨୭/୧(ନି.ପ୍ର):** ମାହାଙ୍ଗା ନିର୍ବାଚନ ମଣ୍ଡଳୀର ସ୍ୱାଧୀନ ବିଧାୟକ ଶ୍ରୀମାନ୍ ଶାରଦା ପ୍ରସାଦ ପ୍ରଧାନଙ୍କ ନିଶ୍ଚିନ୍ତକୋଇଲି ପଂଚାୟତ ସମିତିରେ ଅନୁଷ୍ଠିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ତିନି ପ୍ରମୁଖ ବ୍ୟକ୍ତି ବିଶେଷ ବିଧାୟକଙ୍କ ଆଗରେ ରହି କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି । ସଂପୃକ୍ତ ତିନି ବ୍ୟକ୍ତି ବିଶେଷ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସେତେବେଳର ବିଧାୟକ ତଥା ବିଜୁଜନତା ଦଳର ସକ୍ରିୟ ସଦସ୍ୟ ଭାବେ ବିଜୁ ଜନତା ଦଳ ପାଇଁ କାର୍ଯ୍ୟ କରୁଥିଲେ । ପୂର୍ବରୁ ବିଜେଡି ବିଧାୟକମାନଙ୍କ ପ୍ରିୟପାତ୍ର ସାଜିଥିବା ଏହି ବ୍ୟକ୍ତିବିଶେଷମାନେ ଏବେ କ'ଣ ପାଇଁ ସ୍ୱାଧୀନ ବିଧାୟକଙ୍କ ପାଖରେ ଆଗଧାଡିରେ ରହି କାର୍ଯ୍ୟ କରୁଛନ୍ତି । ବିଗତ ଦିନରେ ଏମାନେ ବିଜୁ ଜନତା ଦଳର ଗୁଣଗାନ କରୁଥିବା ବେଳେ ରାଜ୍ୟରେ ବିଜେଡି ସରକାର ପରାଜୟବରଣ କରିବା ଓ ମାହାଙ୍ଗା, କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଯଥାକ୍ରମେ ସ୍ୱାଧୀନ ଓ ବିଜେପି ବିଧାୟକ ନିର୍ବାଚିତ ହେବା ପରେ ଏମାନେ ବିଜୁ ଜନତା ଦଳକୁ ସଂପୂର୍ଣ୍ଣ ଭୁଲି ଯାଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି ।

# ଦାନଗଦି,କୋରେଇ ବ୍ଲକରେ ଚୋରା ମୋରମ ହେଉଛି ହରି ଲୁଟ !

- ଲଘୁ ଖଣିଜ ବିଭାଗ ଜାଣତରେ ହେଉଛି କି ହରି ଲୁଟ
- ମାନତୀରା, ଖମିଙ୍ଗା,ଧୂଳିଗଡ ଓ ରେଲୱେ ଲାଇନ୍ ରେ ଚୋରା ମୋରମ ଚାଲାଣ



କଳିଙ୍ଗ ନଗର୨୭/୧(ନି.ପ୍ର): ଦାନଗଦି ବ୍ଲକ ରେ ଏବେ ମରୋମ ହରେକ ମାଲ ପାଲଟିଛି । ଯାହାର ଉଦାହରଣ କି ଯିଏ ଯେଉଁଠି ପାରିଲା ମରୋମ ତାଡି ନିଜର କାର୍ଯ୍ୟ ରେ ଲଗାଇଲେ, ପୂର୍ବରୁ ଥିବା ସରକାର ବଦଳିଛି କିନ୍ତୁ ବିଧି ବ୍ୟବସ୍ଥା ବଦଳି ନାହିଁ ପରି ପରିଲିଖିତ ହେଉଛି ।ଦାନଗଦି ତହସିଲ ଅଞ୍ଚଳ ମାଟି - ମୋରମ ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି କ୍ଷ ଦାନଗଦି ବ୍ଲକ ର ମାନତୀରା, ଧୂଳିଗଡ, ଜଖପୁରା ରେ ଥିବା ରେଲୱେ ସାଇଡିଙ୍ଗ କିଛି ଦିନର ନୀରବତା ପରେ ପୁଣି ମୋରମ - ମାଟି ମାଫିଆ ମାନେ ସକ୍ରିୟ ହୋଇ ଉଠିଛନ୍ତି କ୍ଷ ଫଳରେ ଅନୁମତି ନଥାଇ ୩ୟ ରେଲୱେ ଲାଇନ ଯଖପୁରା - ସୁକିନ୍ଦା ରୋଡ୍ ରେଲୱେ ଲାଇନ ଦୋହରୀକରଣ ନିର୍ମାଣରେ ବିପୁଳ ଚୋରା ମୋରମ - ମାଟି - ବାଲି ବ୍ୟବହାର ହେଉଥିବା ଅଭିଯୋଗ ହେଉଛି କ୍ଷ ଠିକ୍ ସେହିପରି ନିୟୁଭିଷ୍ଠା କୁ ଯାଉଥିବା ରେଲୱେ ଲାଇନ୍ ରେ ମଧ୍ୟ ଶହ ଶହ ଟ୍ରିପ ମହରୋମ ଚୋରା ଚାଲାଣ ହେଉଛି । ଏବେ ଅନେକ ଲୋକ ନିଜର ବାଡି ଓ ନିଜେ ଠିକାଦାରୀ କରୁଥିବା ସରକାରୀ କାର୍ଯ୍ୟରେ ମଧ୍ୟ ଚୋରା ମୋରମ କୁ ନେଇ ବ୍ୟବହାର କରୁଥିବା ନଜର କୁ ଆସିଛି ।ଏଥି ନେଇ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନି ଘଟୁଛି କ୍ଷ କିନ୍ତୁ ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ କମିବା ପରିବର୍ତ୍ତେ ଦାନଗଦି ତହସିଲ ଅଞ୍ଚଳରେ ବଢିବାରେ ଲାଗିଛି କ୍ଷଯାହାକୁ ନେଇ ସ୍ଥାନୀୟ ଲୋକେ ଏବେ ପ୍ରଶ୍ନ ଉଠାଇଛନ୍ତି କ୍ଷ କାରଣ ମାଫିଆ ମାନେ ବାରମ୍ୱାର ଏଭଳି ଲୁଟ କରୁଥିବା ବେଳେ ପ୍ରଶାସନ ମାଫିଆଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନକରିବା ଘଟଣା ଅଧିକ ରହସ୍ୟମୟ ହେଉଛି କ୍ଷ ତେବେ ସ୍ଥାନୀୟ ପ୍ରଶାସନ ଜାଣି ଅଜଣା ହେବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ହୋଇଛି କ୍ଷ କାରଣ ଗତ ୨୦୨୪ ଏପ୍ରିଲ ମାସ ଠାରୁ ଲଘୁ ଖଣିଜ ଦ୍ରବ୍ୟ ସାଇରତ ନିଲାମ ଠାରୁ ଆରମ୍ଭ କରି ଜରିମାନା ଆଦାୟ କ୍ଷମତା ଖଣି ବିଭାଗ ହାତକୁ ଚାଲି ଯାଇଛି କ୍ଷ ଯାହାଫଳରେ ଚୋରି ରୋକିବା ଉପରେ ପ୍ରଶାସନର ସେଭଳି କିଛି ତତ୍ପରତା ଦେଖା ଯାଉ ନ ଥିବା ମନେ ହେଉନି କ୍ଷ ଫଳରେ ଏଠାରେ ମାଫିଆଙ୍କ ସଂଖ୍ୟା ବଢି ବଢି ଚାଲିଛି କ୍ଷ ଏପରିକି ମାଫିଆ ମାନେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ବନ୍ଧୁ ସାଜି ଏଭଳି ଲୁଟ ପାଟ ଚଳାଇଛନ୍ତି କ୍ଷ ତେବେ ଦାନଗଦି ତହସିଲ ଅଧିନସ୍ଥ ମାନତିରା ରାଜସ୍ୱ ସର୍କଲର ବିଭିନ୍ନ ସ୍ଥାନରୁ ମୋରମ ଲୁଟ କରାଯାଇ ରେଲୱେ ଦୋହରୀକରଣ, ୩ୟ ରେଲୱେ ଲାଇନ ନିର୍ମାଣ ଠାରୁ ଆରମ୍ଭ କରି ଧାମରା, ପଶ୍ଚିମବଙ୍ଗକୁ ଚୋରା ଚାଲାଣର ଚେର ଲମ୍ବିଛି କ୍ଷ ସବୁଠୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଉଛି, ମାଟି -ମୋରମ ପାଇଁ ଖଣି ବିଭାଗରୁ କୌଣସି ଅନୁମତି ନିଆଯାଇ ନାହିଁ କ୍ଷ ଠିକ୍ ସେହିପରି କୋରେଇ ବ୍ଲକ ର ଖମିଙ୍ଗା ଓ ବ୍ୟାସସରବର ନିକଟରୁ ପ୍ରାୟତଃ ଚୋରା ଚାଲାଣ ପ୍ରାୟ ରାତି ୧୧ ଟାରୁ ସକାଳ ପର୍ଯ୍ୟନ୍ତ ଅବାଧରେ ଚାଲିଛି କ୍ଷ କାରଣ ଏକ ମାଫିଆ ଗୋଷ୍ଠି ପ୍ରଶାସନର ବାହୁ ଛାୟା ତଳେ ରହି ଏଭଳି ମାଟି - ମୋରମ ଚୋରା ଚାଲାଣକୁ ଆପଣେଇଛନ୍ତି କ୍ଷ ତେବେ ପ୍ରଶାସନ ରକ୍ଷକ ହୋଇ ଭକ୍ଷକ ସାଜିବେ ନା କାର୍ଯ୍ୟାନୁଷ୍ଠାନ କରିବେ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ହୋଇଛି କ୍ଷ ଯାହାକି ପ୍ରଶାସନ ମାଫିଆ ଗୋଷ୍ଠୀଙ୍କ ଠାରୁ ମୋଟା ଅଙ୍କର ବଟି ନେଇ ଏଭଳି ଚୋରା ଚାଲାଣକୁ ପ୍ରୋତ୍ସାହନ ଦେବା ଘଟଣା ଅଧିକ ରହସ୍ୟମୟ ହୋଇଛି କ୍ଷ ଖଣି ବିଭାଗ ଜ୍ଞାତ ସାରରେ ଏଭଳି ଲୁଟ ଚାଲିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ନୀରବ ରହିବା ଘଟଣା ଅଧିକ ରହସ୍ୟମୟ ହୋଇଛି କ୍ଷ ବିଭାଗୀୟ ଅଧିକାରୀ ଦୀର୍ଘଦିନ ହେଲା ଏଭଳି ଲୁଟ ସମ୍ପର୍କରେ ଜାଣି ମଧ୍ୟ ନୀରବ ରହୁଛନ୍ତି କ୍ଷ ଯାହାକି ପ୍ରଶାସନକୁ ଭ୍ରୁକ୍ଷେପ ନ କରି ବାରମ୍ୱାର ମାଫିଆମାନେ ଏଭଳି ଚୋରା ଚାଲାଣକୁ ଆପଣେଇବା ଘଟଣା ବିଭଗୀୟ ଅଧିକାରୀଙ୍କୁ ଚ୍ୟାଲେଞ୍ଜ ପାଲଟିଛି କ୍ଷ ତେବେ କିଛି ଅସାଧୁ କର୍ମଚାରୀଙ୍କ ଜ୍ଞ୍ୟାତସାରରେ ଏହି କାରବାର ଚାଲିଥିବା ସାଧାରଣରେ ଅଭିଯୋଗ ହେଉଛି କ୍ଷ ତେଣୁ ରାଜସ୍ୱ ବୃଦ୍ଧିକୁ ଦୃଷ୍ଟିରେ ରଖି ବିଭାଗୀୟ ଉଚ୍ଚ ପଦାଧିକାରୀ ନିର୍ମାଣଧୀନ ରେଲୱେ ସାଇଡିଂରେ ବ୍ୟବହାର ହୋଇଥିବା ମୋରମ ଜବତ କରି ମୋରମ ମାଫିଆଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିବେ ନାଁ ମୋଟା ଅଙ୍କର ବଟି ନେଇ ନୀରବ ରହିବେ ତାହା ସମୟ ହିଁ କହିବ ତାହା ଦେଖିବାକୁ ରହିଲା ।

# ବୈଦିକ ସତସଙ୍ଗ ଆଶ୍ରମର ବାର୍ଷିକ ଉତ୍ସବ

ସୋରଡା, ୨୭/୧(ନି.ପ୍ର): ସୋରଡ଼ା ବ୍ଲକ୍ ସିଦ୍ଧପୁର ଠାରେ ଥିବା ଆଶ୍ରମ ଅନୁକୂଲ୍ୟରେ ୪ ସ୍ୱାମୀ ଦେବାନନ୍ଦ ତୀର୍ଥଙ୍କ ଦ୍ୱାଦଶାହ ସ୍ମୃତିଚାରଣ ଦିବସ ତଥା ଆଶ୍ରମର ୨୦୨୫ ବାର୍ଷିକ ଉତ୍ସବ ପାଳିତ ହୋଇଛି । ଉକ୍ତ ଉତ୍ସବରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଆଶ୍ରମର ଉନ୍ନତି ପାଇଁ ସଂପୂର୍ଣ୍ଣ ସହଯୋଗର ପ୍ରତିଶୃତି ଦେଇଥିଲେ । ଗଂଜାମ ଜିଲ୍ଲା ଆର୍ଯ୍ୟ ସମାଜ ସଭାପତି ବେଦପ୍ରବୀଣ ଶ୍ରୀଯୁକ୍ତ ଲକ୍ଷ୍ମଣ କୁମାର ଶାସ୍ତ୍ରୀ ଏଥିରେ ଅଧକ୍ଷତା କରିଥିଲେ । ଆଶ୍ରମ ଅଧିଷ୍ଠାତା ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ , ବାନପ୍ରସ୍ଥି କୁଳମଣିଜୀ, ବାନପ୍ରସ୍ଥି ସୁଦର୍ଶନ ମୁନି, କାମଂଜୁଳା ବାନ ପ୍ରସ୍ଥିନୀ, ବାନପ୍ରସ୍ଥି ଶ୍ରୀ ହରିବନ୍ଧୁ ମହାପାତ୍ର, ବାନପ୍ରସ୍ଥି ମିତ୍ରାନନ୍ଦ, ଶ୍ରୀ କ୍ଷେତ୍ର ମୋହନ ବାନପ୍ରସ୍ଥି, ସ୍ୱାମୀ ଯୋଗାନନ୍ଦ ବାନପ୍ରସ୍ଥି ଆଦି ନିଜର ବିଚାର ଉପସ୍ଥାପନ କରିଥିଲେ । ଆଶ୍ରମର ସଭାପତି କ୍ରିଷ୍ଣାନନ୍ଦ ରାଉତ, ସଂପାଦକ ବିଶ୍ୱନାଥ ସୁଆର, ପ୍ରାକ୍ତନ ସଂପାଦକ ବସନ୍ତ କୁମାର ପଟ୍ଟନାୟକ ଓ ବିଦେଶୀ ସେଠୀ, କେଶବ ପଣ୍ଡା, ଶ୍ୟାମଘନ ପଣ୍ଡା ଏବଂ ସମସ୍ତ ସଭ୍ୟ ବିଶେଷ ସହଯୋଗ ପୂର୍ବକ କାର୍ଯ୍ୟକ୍ରମକୁ ସଫଳରୂପ ଦେଇଥିଲେ । ଦୁଇଦିନ ଧରି ବେଦଯଜ୍ଞ ଓ ପ୍ରବଚନ ଅନୁଷ୍ଠିତ ହୋଇଥିଲା । ପ୍ରକାଶ ଥାଉ କି , ୧୯୮୮ ମସିହାରେ ସ୍ଥାପିତ ଏହି ଆଶ୍ରମରେ ଦୈନିକ ଯଜ୍ଞ ଓ ପ୍ରତି ସଂକ୍ରାନ୍ତିରେ ମାସିକ ଯଜ୍ଞ ଓ ବେଦ ପ୍ରଚାର କରାଯାଏ ।

# ଦୋକାନ ଗୃହ ପୋଡ଼ିର ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଭେଟିଲା ମେହେର ସମାଜ



ସିନାପାଲି, ୨୭/୧(ନି.ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ଠାରେ ଲଗାତାର ଭାବରେ ଦୋକାନ ଗୃହ ପୋଡ଼ି ଘଟଣାର ସମୁଚିତ ତଦନ୍ତ କରି ଦୋଷି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନୂଆପଡ଼ା ଜିଲ୍ଲା ମେହେର ସମାଜର ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଅନୁରୋଧ କରିଥିବା ଜଣାପଡ଼ିଛି । ସମାଜର ଏହି ଅନୁରୋଧକୁ ପ୍ରଶାସନ ମଧ୍ୟ ଗୁରୁତ୍ୱର ସହ ଗ୍ରହଣ କରିଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ ନୂଆପଡ଼ା ଜିଲ୍ଲାର ବିଭିନ୍ନ ଗ୍ରାମରୁ ମେହେର ସମ୍ପ୍ରଦାୟର କେତେକ ବ୍ୟକ୍ତି ବୋଡ଼େନ ଠାରେ ଭିନ୍ନଭିନ୍ନ ଦୋକାନ କରି ନିଜ ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି । ଏହାକୁ ସ୍ଥାନୀୟ କିଛି ବ୍ୟକ୍ତି ଅସହିଷ୍ଣୁ ହୋଇ ଗତ ତିନି ଚାରି ବର୍ଷ ମଧ୍ୟରେ ପ୍ରାୟ ଚାରିଟି ଦୋକାନକୁ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି । ପିଡ଼ିତ ଦୋକାନୀ ମାନେ ଏହାକୁ ଏକ ବ୍ୟବସାୟିକ ଅସହିଷ୍ଣୁତା ବୋଲି ସନ୍ଦେହ କରି ଏନେଇ ବୋଡ଼େନ ଥାନାରେ ଅଭିଯୋଗ କରିବାର ମାସାଧିକ କାଳ ବିତି ଯାଇଥିଲେ ହେଁ ପୋଲିସ କାହାରିକୁ ଠାବ କରି ପାରି ନାହିଁ । ଅପରପକ୍ଷେ ସଂପୃକ୍ତ ଦୋକାନୀ ମାନେ ଭୟର ବାତାବରଣ ମଧ୍ୟରେ ରହୁଥିବା କହିଛନ୍ତି । ଏହାର ଉଚିତ ତଦନ୍ତ କରି ଦୋଷି ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିମନ୍ତେ ନୂଆପଡ଼ା ଜିଲ୍ଲା ମେହେର ସମାଜର ସଭାପତି ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେର ଓ ସାଧାରଣ ସଂପାଦକ ସୁରେଶ୍ୱର ମେହେରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉଭୟ ଜିଲ୍ଲାପାଳ ଓ ଅତିରିକ୍ତ ଆରକ୍ଷି ଅଧିକ୍ଷକଙ୍କ ସହ ସାକ୍ଷାତ ଆଲୋଚନା କରିଥିବା ଜଣାପଡ଼ିଛି ।

# ଆମ୍ବସରମୁଣ୍ଡା ଠାରେ ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା



ଆଠମଲ୍ଲିକ, ୨୭/୧(ନି.ପ୍ର): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଆମ୍ବସରମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଖେଳ ଠାରେ ପଡିଆ ଆମ୍ବସରମୁଣ୍ଡା ଶିକ୍ଷା କ୍ଲଷ୍ଟରର ପଞ୍ଚାୟତ ସ୍ତରୀୟ ବର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ କରୁଣାକର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଧୂପ ଲଗାଇ ଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଆମ୍ବସରମୁଣ୍ଡା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ରଞ୍ଜିତ କୁମାର ନାୟକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୋମନାଥ ମାଝୀ, ପୂର୍ବତନ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସନକ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ୧୨ ଟି ପ୍ରାଥମିକ ବିଦ୍ୟାଳୟ ଓ ୨ ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ୬୦୦ ଜଣ ଛାତ୍ରଛାତ୍ରୀ ମାନେ ଯୋଗ ଦେଇ ଖେଳ ରେ ଅଂଶ ଗ୍ରହଣ କରିଥିଲେ । ଉଚ୍ଚ ଡିଆଁ, ଲମ୍ବ ଡିଆଁ, ୧୦୦/ ୨୦୦ ମିଟର ଦୌଡ, ସଟ୍ ଫୁଟ ଥ୍ରୋ, ମେଜିକ ଇତ୍ୟାଦି ଖେଳ ଅନୁଷ୍ଠିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୈବଲ୍ୟ କଅଁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ସରପଞ୍ଚ ସସ୍ମିତା ସେଠୀ, ନାଏବ ସରପଞ୍ଚ ମନ୍ଦଦରି ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ପରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଏଥିରେ ଶିକ୍ଷକ ଅର୍ଜୁନ କୁମାର ସାହୁ, ମାନସ ରଞ୍ଜନ ନାୟକ , ନିରଞ୍ଜନ ଦେହୁରୀ , ଦୀପକ କୁମାର ଭଟ୍ଟ, କ୍ଷୀର ଦେହୁରୀ ଲିଟିଲି ବିଶ୍ୱାଳ,ଆମ୍ବସରମୁଣ୍ଡା ସେବାଶ୍ରମ ର ପ୍ରଧାନ ଶିକ୍ଷକ ଦଇତାରୀ ପ୍ରଧାନ, ମାନସ ନାୟକ, ଶ୍ରଦ୍ଧାଞ୍ଜଳି ନାୟକ , ଶୁଭଶ୍ରୀ ମୁଦୁଲି, ଅଞ୍ଜନା ସିଂହ, ସୋଭାଗିନି ନାୟକ,ନବୀନ କୁମାର ମାଝୀ, ଅନନ୍ତ ଚରଣ ମାଝୀ, ଗୀତାଞ୍ଜଳି ନାୟକ, ଦୁର୍ଯ୍ୟୋଧନ ନାୟକ, ମାନସ ରଞ୍ଜନ ନାୟକ, ବସନ୍ତ କୁମାର ନାୟକ, ସରୋଜ କୁମାର ମିର୍ଦ୍ଧା ଉପସ୍ଥିତ ରହି ସମସ୍ତ ଛାତ୍ର ଛାତ୍ରୀଙ୍କ ଦାୟିତ୍ୱ ନେଇଥିଲେ ।

# ଦେଶଭକ୍ତ ନେତାଜୀ ସୁଭାଷ ଚନ୍ଦ୍ରଙ୍କ ଜୟନ୍ତୀ

ଚିକିଟୀ, ୨୭/୧(ନି.ପ୍ର): ଦେଶଭକ୍ତ ଓଡ଼ିଆ ପୁଅ ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପଳାନ ଅବସରରେ ପ୍ରାଥମିକ ବିଦ୍ୟାଳୟ ଡାଳପଲଙ୍କର ଆଦର୍ଶ ଶିକ୍ଷକ ପ୍ରକୃତିବନ୍ଧୁ ରଞ୍ଜନ କୁମାର ବ୍ରହ୍ମା ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଆ ବୀରଙ୍କ ଯୋଗାଦନ, ଜଙ୍ଗଲରେ , ପାହାଡ଼ ତଳେ , ନିଜ ମାଟିରେ, ଉପକୂଳ ଅଞ୍ଚଳରେ ଏପରିକି ସମସ୍ତ ସ୍ଥାନରେ ଆନ୍ଦୋଳନ, ମେଳି , କ୍ରାନ୍ତି ଚଳାଇ ଗୋରା ସରକାରଙ୍କୁ ଅତିଷ୍ଠ କରାଇ ଭାରତ ମାଟିରୁ ତଡିଥିବାର କ୍ରମ ଘଟଣାବଳି ପିଲାଙ୍କୁ ଶୁଣାଇଥିଲେ । ବିଶେଷକରି ସୁଭାଷ ଚନ୍ଦ୍ର ବୋଷଙ୍କ ସ୍ଲୋଗାନ, ବାର୍ତ୍ତାରେ ଥିବା ମର୍ମକୁ ପ୍ରତି ଭାରତୀୟ ଏବେ ବି ସ୍ମରଣକରି ଦେଶ ମାତୃକାର ସେବାରେ ଲାଗି ରହିବା ଉଚିତ ବୋଲି ଅବଗତ କରିଥିଲେ । ତତ୍ ସହିତ ବୀର ସୁରେନ୍ଦ୍ର ସାଏ, ଚକରା ବିଷୋୟୀ, ଦେଶପ୍ରାଣ ରାଜା ଗୌର ଚନ୍ଦ୍ର ଦେଓ ଏବଂ ଜନନାୟକ ଦିବାକର ପଟ୍ଟନାୟକଙ୍କ ବୀରତ୍ୱ ତ୍ୟାଗ ସ୍ମରଣ କରାଇଥିଲେ । ଉପସ୍ଥିତ ବିଦ୍ୟାଳୟର ପରିଚାଳନା ସମିତି ସଦସ୍ୟ , ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ବେହେରା, ସହକର୍ମୀ ଅରୁଣ କୁମାର ଜାନୀ, ପିତାମାତା କାର୍ଯ୍ୟକ୍ରମକୁ ଖୁବ୍ ପସନ୍ଦ କରିଥିଲେ ।

# କଳିଙ୍ଗନଗର କୁ କଳଙ୍କିତ କରୁଛନ୍ତି କିଛି ଅର୍ବାନ ମାଓବାଦୀ !




କଳିଙ୍ଗନଗର ୨୭/୧(ନି.ପ୍ର): :କଳିଙ୍ଗନଗର ଯାଜପୁର ଜିଲ୍ଲା ର ସୁକିନ୍ଦା ନିର୍ବାଚନ ମଣ୍ଡଳୀ ରେ ଥିବା ଦାନଗଦି ବ୍ଲକ ଓ ସୁକିନ୍ଦା ବ୍ଲକ ର କିଛି ଅଂଶ କୁ ନେଇ ଗଠନ କରାଯାଇଛି । ସୁକିନ୍ଦା ତଥା କଳିଙ୍ଗନଗର ରେ ଏକାଧିକ ଶିଳ୍ପସଂସ୍ଥା କୁ ନେଇ ଜେସିଡିଏଲ ଗଠନ କରାଯାଇ ସ୍ଥାନୀୟ ଅଞ୍ଚଳରେ ଥିବା ସମସ୍ୟା ସମାଧାନ ପାଇଁ କାରଖାନା ମାନଙ୍କ ସହଯୋଗ କରୁଥିବା ଦେଖିବାକୁ ମିଳିଛି । ମାତ୍ର କଳିଙ୍ଗନଗର ର ଜନ୍ମ ବିଜୁବାବୁଙ୍କ ସ୍ୱପ୍ନ ବୋଲି ସାଧାରଣରେ ଆଲୋଚନା ହୁଏ । ୧୯୯୨ ମସିହାରେ ଜନତା ଦଳରେ ଥିବା ସୁକିନ୍ଦା ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ଙ୍କ ସମୟରେ ଶୁଭାରମ୍ଭ ହୋଇଥିବା କଳିଙ୍ଗନଗର ଆଜି ଏସିଆ ମହାଦେଶର ସର୍ବବୃହତ ଶିଳ୍ପ ହବ୍ ରେ ପରିଣତ ହେଉଛି । ଏଠିକାର ଅଞ୍ଚଳ ବାସୀ ଙ୍କ ଜୀବନ ଧାରଣ ରେ ପରିବର୍ତନ ହେଇ ଆଜି ଗାଉଁଲି ଚିନ୍ତାଧାରା ରୁ ବାହାରି ସହରି ଢାଞ୍ଚାରେ ଜୀବନ ବିତାଉଥିବା ଦେଖିବାକୁ ମିଳିଛି । ପ୍ରତିଟି ଆବଶ୍ୟକତା ହାତପାହାନ୍ତାରେ ମିଳୁଛି । ମାତ୍ର ଏହି ଶିଳ୍ପ ସଂସ୍ଥା ମାନଙ୍କ ନିର୍ମାଣ ହେଉଥିବା ସମୟରେ ଦେଇଥିବା ପ୍ରତିଶୃତି କୁ ଜଦି ଠିକ୍ ସେ ପାଳନ କରିଥାନ୍ତେ ତେବେ ଆଜିର କଳିଙ୍ଗନଗର ସ୍ଥିତ ଆହୁରି କ'ଣ ହୋଇପାରିଥାନ୍ତା ମାତ୍ର ବର୍ତ୍ତମାନ ସମୟକୁ ଦେଖିବାକୁ ଗଲେ କିଛି ଅସାଧୁ କର୍ମଚାରୀ ମାନଙ୍କ ସହଯୋଗ ରେ ଶିଳ୍ପସଂସ୍ଥା ମାନେ ଖୁଲମଖୁଲା ବେଆଇନ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି । ଏହି ସବୁ କାର୍ଯ୍ୟ କୁ ପରୋକ୍ଷରେ ସହଯୋଗ କରୁଛନ୍ତି କିଛି ମାଫିଆ ଓ ଆତ୍ମଘୋଷିତ ଅର୍ବାନ ମାଓବାଦୀ ତଥା ନିଜକୁ ସମାଜସେବୀ, ଶ୍ରମିକ ନେତା,ପରିବେଶ ବିତ, ପରିବେଶ ରକ୍ଷକ ଓ ଅନ୍ୟାନ୍ୟ ଆଦି ନାମକରଣ କରି ପରୋକ୍ଷରେ ଶିଳ୍ପସଂସ୍ଥା ମାନଙ୍କୁ ପ୍ରଦୂଷଣ କରିବା, ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ନଦେବା, ସରକାରୀ ଜମିକୁ ହାତେଇବା ଓ କଳିଙ୍ଗନଗର ଲୋକଙ୍କ ସମସ୍ତ ସୁବିଧା କୁ ହଡ଼ପ କରିବାପାଇଁ ସାହାଯ୍ୟ କରିବା ସହିତ ନିଜର ସ୍ୱାର୍ଥ ହାସଲ କରିବା ପାଇଁ ପଛଘୁଞ୍ଚା ଦେଉନଥିବା ପରି ପରିଲକ୍ଷିତ ହୋଇଛି । ତେଣୁ ପୂର୍ବରୁ ଥିବା ସରକାର ଏବେ ପରିବର୍ତ୍ତନ ହୋଇଛି । ନୂତନ ସରକାର ଙ୍କ ସମୟରେ କଳିଙ୍ଗନଗର ରେ କିଛି ନୂତନ ଆଶାର ସଂଚାର ହେବବୋଲି ସମସ୍ତ ଙ୍କ ଆଶା ଓ ଭରସା ରଖିଛନ୍ତି ।ନୂତନ ସରକାର ଙ୍କ ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ଙ୍କ ଆଗାମୀ କାର୍ଯ୍ୟପନ୍ଥା ଉପରେ ଏସବୁ ନିର୍ଭରଶୀଳ ବୋଲି ସାଧାରଣରେ ଆଲୋଚନା ହେଉଛି । ତେଣୁ ଆଗକୁ ଦେଖିବାକୁ ବାକି ରହିଲା କି କଳିଙ୍ଗନଗର ରେ ହେଉଛି କ'ଣ ? ନୂତନ ସରକାର କରୁଛନ୍ତି କ'ଣ ?

## ଜିଲ୍ଲା ସନ୍ତରଣାଗାରରେ ପହଁରିବା ପ୍ରତିଯୋଗିତା

ବୌଦ୍ଧ,୨୭/୧(ନି.ପ୍ର): ବୌଦ୍ଧ ଜିଲ୍ଲା ଷ୍ଟାଡିଅମ ପରିସରରେ ଥିବା ସନ୍ତରଣାଗାର ଠାରେ ଜାତୀୟ ବାଳିକା ଦିବସ ଅବସରରେ ପହଁରିବା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କୁର ଯାନୀ ଯୋଗଦେଇ ପତାକା ଦେଖାଇ ପ୍ରତିଯୋଗିତାର ଉଦଘାଟନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ସମଗ୍ର ଶିକ୍ଷା ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ସଂଯୋଜନାରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବହୁ ସଂଖ୍ୟାରେ ବାଳିକା ପହଁରିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କ୍ରୀଡା ସଂସଦ ସମ୍ପାଦକ ରବୀନ୍ଦ୍ର କୁମାର ରାଉତ, ସଂତରଣ ପ୍ରଶିକ୍ଷକ ରବି ନାରାୟଣ ବେହେରା, ଟ୍ରେନର ନନ୍ଦିନୀ ଦଳବେହେରା, ସୁନିତା ସାହୁ, ଲାଇଫ ଗାର୍ଡ ବାସୁଦେବ ବାରିକ, ସାମାଜିକ କର୍ମୀ ସହଦେ୍ୱ ନାୟକ, ପରାମର୍ଶ ଦାତା ବସନ୍ତ ଦିଶୀରି, ଯତି ପ୍ରଧାନ, ଧନଞ୍ଜୟ ଖମାରୀ, କର୍ମଚାରୀ ରଂଜିତ କୁମାର ସାହୁ, ସତ୍ୟ ନାରାୟଣ ନାଏକ ସହଯୋଗ କରିଥିଲେ ।

# ବିଭିର୍ଣ୍ଣ ଶିକ୍ଷା ଅନୁଷ୍ଠାନରେ ନେତାଜୀ ଜୟନ୍ତୀ ପାଳିତ

ଟିକାବାଲି,୨୭/୧(ନି.ପ୍ର): କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକର ଓଡିଶା ଆଦର୍ଶ ବିଦ୍ୟାଳୟ ସଲପଗାଁ, ସରକାରୀ ଉଚ୍ଚବିଦ୍ୟାଳୟ ଟିକାବାଲି,ମଧ ଇଂରାଜୀ ବିଦ୍ୟାଳୟ ଟିକାବାଲି, ବାଳିକା ପ୍ରାଥମିକ ବିଦ୍ୟାଳୟ ଟିକାବାଲି,ସରସ୍ୱତୀ ଶିଶୁ ମନ୍ଦିର ଟିକାବାଲି,ଉନ୍ନିତ ପ୍ରାଥମିକ ବିଦ୍ୟାଳୟ ସଲପଗାଁ ଇତ୍ୟାଦି ବିଦ୍ୟାଳୟ ଗୁଡିକରେ ସୁବାଷ ଜୟନ୍ତୀ ଏବଂ ବିର ସୁରେନ୍ଦ୍ରସାଏ ଜୟନ୍ତୀ ମହାଆଡମ୍ବରରେ ପାଳିତ ହୋଇଯାଇଛି ।ସେହିପରି:ଟିକାବାଲି ସ୍ଥିତ ସେଣ୍ଟ ଜୋନ ଇଂରାଜୀ ମାଧମ ବିଦ୍ୟାଳୟ ରେ ଆନନ୍ଦ ର ସହିତ ସମସ୍ତ ଛାତ୍ରଛାତ୍ରୀ ଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ମିଳିତ ଭାବରେ ସ୍କୁଲ ର ପ୍ରଧାନ ଶିକ୍ଷକ ରଞ୍ଜିତ ଦିଗାଲ ଙ୍କ ଅଧକ୍ଷତା ରେ ନେତାଜୀ ଜୟନ୍ତୀ ଏବଂ ବୀର ସୁରେନ୍ଦ୍ର ସାଏ ଙ୍କ ଜନ୍ମ ଜୟନ୍ତୀ ପାଳିତ ହେଇ ଯାଇଛି । ଏହି ଅବସରରେ ରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସାଧାରଣ ସଂଗୀତ, ବକୃତା, ନୃତ୍ୟ ଭଳି ବିଭିନ୍ନ ମନରଞ୍ଜନ ଏବଂ ଶିକ୍ଷା କାର୍ଯ୍ୟକ୍ରମ ଗୁଡ଼ିକ ଅନୁଷ୍ଠିତ ହୋଇଥିଲା ଏବଂ ଏହି କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରି ଛାତ୍ର ଛାତ୍ରୀ ମାନେ ବହୁତ ଖୁସି ଥିବା ଦେଖିବାକୁ ମିଳିଥିଲା ।ତତସହିତ ଟିକାବାଲି ବ୍ଲକ ଅନ୍ତର୍ଗତ କଟିମାହା ପଞ୍ଚାୟତ ଅନ୍ତର୍ଗତ ବାତାଭୂଇଁ ପ୍ରାଥମିକ ବିଦ୍ୟାଳୟ ଠାରେ ନେତାଜୀ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ ହୋଇଅଛି । ଏହି କାର୍ଯ୍ୟକ୍ରମ ରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅରବିନ୍ଦ ମହାପାତ୍ର,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଷ୍ଣୁ କହଁର,ପ୍ରଧାନ ଶିକ୍ଷକ ପ୍ରତାପ ମଲିକ, ସତ୍ୟବ୍ରତ ବେହେରା ସମେତ ଅନେକ ଗ୍ରାମବାସୀ ମଧ ଉପସ୍ଥିତ ଥିଲେ ଓ ଦୀପ ଧୂପ ସହ ପୁଷ୍ପ ମାଲ୍ୟାର୍ପଣ କରି ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଜୀବନୀ ଓ ମାନବବାଦ କିପରି ପ୍ରଭାବିତ କରିଅଛି ସେ ବିଷୟରେ ଶିକ୍ଷକ ସହ ଶିକ୍ଷାର୍ଥୀ ମାନେ ମଧ ଅଭିଭାଷଣ ପ୍ରଦାନ କଲେ । ପରିଶେଷରେ ସମସ୍ତ ଙ୍କ ମିଷ୍ଟାନ ବର୍ଣ୍ଣନ କରାଯାଇଥିଲା । ସେହିପରି କଟିମାହା ପଞ୍ଚାୟତ ଅନ୍ତର୍ଗତ ବାତାଭୂଇଁ ପ୍ରାଥମିକ ବିଦ୍ୟାଳୟ ଠାରେ ନେତାଜୀ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ ହୋଇଅଛି । ଏହି କାର୍ଯ୍ୟକ୍ରମ ରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଷ୍ଣୁ କହଁର,ପ୍ରଧାନ ଶିକ୍ଷକ ପ୍ରତାପ ମଲିକ, ସତ୍ୟବ୍ରତ ବେହେରା ସମେତ ଅନେକ ଗ୍ରାମବାସୀ ମଧ ଉପସ୍ଥିତ ଥିଲେ । ଦୀପ ଧୂପ ସହ ପୁଷ୍ପ ମାଲ୍ୟାର୍ପଣ କରି ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଜୀବନୀ ଓ ମାନବବାଦ କିପରି ପ୍ରଭାବିତ କରିଅଛି ସେ ବିଷୟରେ ଶିକ୍ଷକ ସହ ଶିକ୍ଷାର୍ଥୀ ମାନେ ମଧ ଅଭିଭାଷଣ ପ୍ରଦାନ କଲେ । ପରିଶେଷରେ ସମସ୍ତ ଙ୍କ ମିଷ୍ଟାନ ବର୍ଣ୍ଣନ କରାଯାଇଥିଲା ।

# ମା ବାକକୁମାରୀଙ୍କ ମନ୍ଦିର ପ୍ରତିଷ୍ଠା,ଜଳଯାତ୍ରାରେ ସାମିଲ ହେଲେ ଶତାଧିକ ମହିଳା



ଚିକିଟୀ, ୨୭/୧(ନି.ପ୍ର): ଚିକିଟୀ ବ୍ଲକ ରାମଗୁଡା ପର୍ବତ ଶିଖରେ ବହୁ ପୁରାତନ କାଳରୁ ପୂଜା ପାଇ ଆସୁଥିବା ଭଗବତୀ ମହାମାୟୀ ମା ବାଳକୁମାରୀ ଙ୍କ ମନ୍ଦିର ପ୍ରତିଷ୍ଠା ଓ ଅମ୍ୱା ମହାଯଜ୍ଞ , ବିଶ୍ୱଶାନ୍ତି ଅମ୍ୱା ମହାଯଜ୍ଞ ଆଜି ଶୁଭାରମ୍ଭ ହୋଇଯାଇଛି । ଗୁରୁବାର ପୂର୍ବାହ୍ନ ରେ ଅଞ୍ଚଳ ର ଶହ ଶହ ମହିଳା ପବିତ୍ର ପୁଣ୍ୟତୋୟା ବହୁଦା ନଦୀର ଉତ୍ତର ବାଙ୍କରୁ ଗଙ୍ଗା ଆବାହନ ସହ କଳସ ରେ ଜଳଧରି ଚାଲି ଚାଲି ବାଳକୁମାରୀ ଙ୍କ ପୀଠରେ ପହଞ୍ଚିଥିଲେ । ଏହାପରେ ଦୀକ୍ଷା ଗ୍ରହଣ,ମଣ୍ଡଳାଧିବାସ ସହିତ ସନ୍ଧ୍ୟାରେ ଅଙ୍କୁରରୋପଣ ହୋଇଥିବା ବେଳେ ସୁଧୀର କୁମାର ସାବତ ଓ ତାଙ୍କ ସହ ଧର୍ମିଣୀ କର୍ତ୍ତା ଭାବେ ପୂଜାରେ ବସିଥିଲେ । ସୁନାମଧନ୍ୟ ପଣ୍ଡିତ ଶ୍ରୀ ଅଶୋକ କୁମାର ପାଢ଼ୀ ଙ୍କ ବେଦ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହେଉଥିବା ବେଳେ ୬୫ ଜନ ବେଦପାଠୀ ଓ ପୁରୋହିତ ସହଯୋଗ କରୁଛନ୍ତି । ଦ୍ୱିତୀୟ ଦିବସରେ ଯଜ୍ଞାରମ୍ଭ ବ୍ରାହ୍ମଣ ବରଣ, ସାଲା ସଂସ୍କାର, ମଣ୍ଡଳ ପୂଜା ଆଦି ସମାପନ ହେବ । ସେହିପରି ୨୪ ତାରିଖ ଶୁକ୍ରବାର ଠାରୁ ୩୦ ତାରିଖ ଗୁରୁବାର ପର୍ଯ୍ୟନ୍ତ ପ୍ରତିଦିନ ରୀତିନୀତି ଅନୁଯାୟୀ ମଣ୍ଡଳ ପୂଜା, ସୂର୍ଯ୍ୟପୂଜା, ଗୋ ପୂଜା, ଚଣ୍ଡୀ ପାରାୟଣ, ଘୃତଯଜ୍ଞ , ଦେବୀ ଓ ଶୈବ ପୀଠରେ ମହାଭିଷେକ ସହ ବିଲ୍ୱାର୍ଜନ, ନାମଯଜ୍ଞ, ଘୃତଯଜ୍ଞ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହେବ । ଏହା ସହିତ ବନ ଯୋଗ, ରନ୍ମୁଦ୍ରା, ନୂତନ ବିଗ୍ରହ ମାନଙ୍କ ଅଧିବାସ ଓ ମହାସ୍ନାନ, ଜୀବନ୍ୟାସ, ପାର୍ଶ୍ୱ, ଦ୍ୱାର, ଧ୍ୱଜ ଓ ତ୍ରିଶୂଳ ସ୍ଥାପନ, ଦେବତା ପ୍ରବେଶ, ଜଜମାନ ପ୍ରତିଷ୍ଠା, ମହାଧ୍ୱଜ ଭ୍ରମଣ ଓ ଘୃତଯଜ୍ଞ ସହିତ ପ୍ରତିଷ୍ଠାର ପୂର୍ଣ୍ଣାହୁତି । ୩୧ ତାରିଖ ଗୁରୁବାର ଦଧିହାଣ୍ଡି ଭଗ୍ନ ସହିତ ନଗର ଭ୍ରମଣ ଓ ନାମ ଯଜ୍ଞର ପୂର୍ଣ୍ଣାହୁତି ହେବା କାର୍ଯ୍ୟକ୍ରମ ରହିଛି । ମନ୍ଦିର ମୁଖ୍ୟ ଫାଟକ ଠାରୁ ମା ବାଳକୁମାରୀ ଙ୍କ ପୀଠ ପର୍ଯ୍ୟନ୍ତ ଫୁଲ, ତୋରଣ ଓ ରଙ୍ଗୀନ ଆଲୋକ ମାଳା ରେ ସୁସର୍ଜିତ କରାଯଇଥିବା ବେଳେ ରାମ ଦୋଳି, ମୀନା ବଜାର ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଶ୍ରଦ୍ଧାଳୁ ମାନଙ୍କ ସୁରକ୍ଷା ଦୃଷ୍ଟିରୁ ପୋଲିସ ବଳ ମୁତୟନ ହୋଇଥିବା ବେଳେ ମନ୍ଦିର କମିଟି ପକ୍ଷରୁ ପାନୀୟ ଜଳର ବ୍ୟବସ୍ଥା , ପର୍କିଙ୍ଗ ସ୍ଥଳ ଓ ବିଭିନ୍ନ ଅନୁସଙ୍ଗିକ ବ୍ୟବସ୍ଥା କରାଯାଇଛି ।

## ସଂପାଦକୀୟ

# ଅଗ୍ନି ପରୀକ୍ଷାରେ ଭାରତ

ୟୁକ୍ରେନ ଯୁଦ୍ଧକୁ ନେଇ ଗୋଟିଏ ପଟେ ଋଷ ଏବଂ ଅନ୍ୟପଟେ ଯୁକ୍ତରାଷ୍ଟ୍ର ଆମେରିକା ଓ ଅନ୍ୟ ପାଶ୍ଚାତ୍ୟ ଦେଶଗୁଡ଼ିକ ବର୍ତ୍ତମାନ ମୁହାଁମୁହିଁସ୍ଥିତିରେ ଥିବା ବେଳେ ଭାରତ ଦୁଇ ଗୋଷ୍ଠୀଠାରୁ ନିରାପଦ ଦୂରତ୍ୱ ରକ୍ଷା କରି ସତର୍କତାର ସହ ଗୋଟିଚାଳନା କରୁଛି । ଋଷ ସହିତ ଦୀର୍ଘବର୍ଷ ଧରି ସୁସମ୍ପର୍କ ରହି ଆସିଥିବାରୁ ଏବଂ ଅତୀତରେ ଆମ ଦେଶର ଅନେକ ସଙ୍କଟ ସମୟରେ ଋଷ ଆମ ସପକ୍ଷରେ ଠିଆ ହୋଇଥିବାରୁ ୟୁକ୍ରେନ ଯୁଦ୍ଧ ବେଳେ ଋଷ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ଭାରତ ପସନ୍ଦ କରୁନାହିଁ । ସେହି ଦୃଷ୍ଟିରୁ ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବାର ୩୭ ଦିନ ବିତିଯାଇଥିଲେ ହେଁ ଋଷ ବିରୋଧରେ କୌଣସି ସିଧାସଳଖ ମନ୍ତବ୍ୟ ବା ପ୍ରତିକ୍ରିୟା ପ୍ରକାଶ କରି ନାହିଁ ଭାରତ । ସେହିପରି ଜାତିସଂଘରେ ସମସ୍ତ ଋଷ ବିରୋଧୀ ପ୍ରସ୍ତାବ ଗୃହିତ ହେବା ବେଳେ ଭୋଟଦାନରୁ ବିରତ ରହି ନିରପେକ୍ଷ ଭୂମିକା ଗ୍ରହଣ କରିଛି । ଭାରତର ଏହି କୌଶଳପୂର୍ଣ୍ଣ କୂଟନୀତି ଏବଂ ସ୍ୱାଧୀନ ଆଭିମୁଖ୍ୟ ଆମେରିକା ସମେତ ପାଶ୍ଚାତ୍ୟ ଦେଶଗୁଡ଼ିକର ଚିନ୍ତା ବଢାଇ ଦେଇଛି ଓ ସେମାନେ ଭାରତକୁ ନିଜ ଆଡ଼କୁ ଟାଣିବା ପାଇଁ ଜୋରଦାର ଉଦ୍ୟମ ଆରମ୍ଭ କରି ଦେଇଛନ୍ତି । ମୋଦି ସରକାରଙ୍କ ବୈଦେଶିକ ନୀତି ଋଷ-ୟୁକ୍ରେନ ଯୁଦ୍ଧ ଘନଘଟା ମଧ୍ୟରେ ଅଗ୍ନି ପରୀକ୍ଷା ଭିତର ଦେଇ ଗତି କଲାଭଳି ମନେ ହେଉଛି । ଭାରତ ଏବେ ପ୍ରମାଣ କରିବାକୁ ଚାହୁଁଛି ଯେ, ବାହ୍ୟ ଶକ୍ତିର ଚାପର ବଶବର୍ତ୍ତୀ ନହୋଇ ସ୍ୱାଧୀନ ଭାବରେ ନିଷ୍ପତ୍ତି ନେବାର କ୍ଷମତା ଆମର ରହିଛି । ତେବେ ଭାରତର ଦୃଢ଼ ଆଭିମୁଖ୍ୟ ଓ ନିରପେକ୍ଷ ଭୂମିକା ଋଷ ପାଇଁ ଗ୍ରହଣୀୟ ହୋଇଥିବା ସ୍ଥଳେ ଆମେରିକା ଓ ଏହାର ୟୁରୋପୀୟ ମିତ୍ର ରାଷ୍ଟ୍ରଙ୍କୁ ବିବ୍ରତ କରିଥିବାର ଲକ୍ଷ୍ୟ କରାଯାଉଛି । ସେମାନେ ନାନା ଭାବରେ ଭାରତ ଉପରେ ଚାପ ପକାଇ ୟୁକ୍ରେନ ଯୁଦ୍ଧକୁ ନେଇ ଏହାର ମନୋଭାବକୁ ବଦଳାଇବାକୁ ଉଦ୍ୟମ ଚଳାଇଛନ୍ତି । ଏହି ଲକ୍ଷ୍ୟ ହାସଲ ନିମନ୍ତେ ଆମେରିକା ଓ ୟୁରୋପର କିଛି ନେତା ଏବେ ଭାରତ ଗସ୍ତରେ ଆସିଛନ୍ତି । ଇଂଲଣ୍ଡ ବା ବ୍ରିଟେନ୍‌ର ବୈଦେଶିକ ସଚିବ ଏଲିଜାବେଥ୍ ଟ୍ରସ୍ ଏବଂ ଆମେରିକାର ସହକାରୀ ଜାତୀୟ ସୁରକ୍ଷା ପରାମର୍ଶଦାତା ଦଲିପ ସିଂହ ଏବେ ଭାରତଗସ୍ତରେ ଆସି ଋଷ ବିରୋଧରେ ଭାରତକୁ ପ୍ରଭାବିତ କରିବାକୁ ଉଦ୍ୟମ କରିଛନ୍ତି । ଅନ୍ୟତମ ୟୁରୋନୀୟ ଦେଶ ଜର୍ମାନୀର ସୁରକ୍ଷା ପରାମର୍ଶଦାତା ମଧ୍ୟ ଭାରତଗସ୍ତରେ ଆସି ଆମ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସହ ଆଲୋଚନା କରିଛନ୍ତି । ସେମାନଙ୍କଗସ୍ତର କେବଳ ଗୋଟିଏ ଉଦ୍ଦେଶ୍ୟ ହେଉଛି, ଭାରତ ଏହି ଯୁଦ୍ଧରେ ଋଷକୁ ବିରୋଧ କରି ୟୁକ୍ରେନ ସପକ୍ଷରେ ଠିଆ ହେଉ । ମାତ୍ର ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ଏହି ଉଦ୍ୟମ ଚାଲିଥିବା ବେଳେ ଋଷ ମଧ୍ୟ ନିରବ ଦର୍ଶକ ନସାଜି ସୁଚତୁର ପଦକ୍ଷେପ ନେଇଛି । ଖୋଦ ଋଷର ବୈଦେଶିକ ମନ୍ତ୍ରୀ ସର୍ଗେୟି ଲାଭରୋ ଏହି ସଙ୍କଟଜନକ ମୂହୁର୍ତ୍ତରେ ବି ଭାରତଗସ୍ତରେ ଆସି ଆମ ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କୁ ଭେଟିଛନ୍ତି ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ଯୁଦ୍ଧ ଘନଘଟା ମଧ୍ୟରେ ଋଷ ବିଦେଶ ମନ୍ତ୍ରୀଙ୍କ ଭାରତଗସ୍ତ ଉପରେ ଏବେ ସାରା ବିଶ୍ୱର ନଜର ରହିଛି । ଏହି ଗସ୍ତକାଳରେ ଭାରତ ଋଷ ସହିତ ଏକ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷର କରିବାକୁ ବିଚାର କରୁଛି । ଆମେରିକା ଓ ଏହାର ମିତ୍ର ଗୋଷ୍ଠୀ ଏବେ ଋଷ ଉପରେ କଠୋର ଆର୍ଥିକ କଟକଣା ଲଗାଇଥିବା ବେଳେ ଭାରତ-ଋଷ ବାଣିଜ୍ୟ ରାଜିନାମା ସେମାନଙ୍କୁ କ୍ରୋଧାନ୍ୱିତ କରିବାର ଆଶଙ୍କା ରହିଛି । ତଥାପି ନିଜର ସ୍ୱାଧୀନ ଆଭିମୁଖ୍ୟ ଓ କୂଟନୈତିକ ଗୋଟି ଚାଳନାରେ ଭାରତ ଅଟଳ ରହିବା ଆବଶ୍ୟକ ।

# କିଙ୍ଗ୍ କ୍ୟାନ୍ ଡୁ ନୋ ରଙ୍ଗ୍

ଶ୍ରୀ ଆଦିକନ୍ଦ ମଲ୍ଲିକ

କିଙ୍ଗ୍ କ୍ୟାନ୍ ଡୁ ନୋ ରଙ୍ଗ୍ । ରାଜା କିଛି ଭୁଲ କରନ୍ତି ନାହିଁ । ଏହା ହେଉଛି ବ୍ରିଟେନ୍ ବା ଇଂଲଣ୍ଡ ଦେଶର ଏକ ପରମ୍ପରା ବା ଚଳଣି । ଏହାକୁ ଙ୍କସ୍ୱବଶର ବୋଲି କହନ୍ତି । ଆମ ଦେଶ ପରି ସେ ଦେଶରେ ଲିଖିତ ସମ୍ବିଧାନ ନାହିଁ । ତେଣୁ ରାଜା ହିଁ ଦେଶର ସର୍ବୋଚ୍ଚ ଶାସନ କର୍ତ୍ତା । କେଉଁ ପ୍ରାଚୀନ କାଳରୁ ସେହି ପରମ୍ପରା ଚଳି ଆସୁଛି । ରାଜା କିଛି ଭୁଲ କରନ୍ତି ନାହିଁ ବା ଭୁଲ କରିପାରନ୍ତି ନାହିଁ ଅର୍ଥାତ୍ ଯାହା କହନ୍ତି ତାହା ଠିକ୍ । ତେଣୁ ଦେଶବାସୀ ରାଜା ଦେଶ ବୋଲି ନିର୍ବିବାଦ ବା ବିନା ଆପତ୍ତି ଅଭିଯୋଗରେ ମାନି ଚଳନ୍ତି । କିନ୍ତୁ ଆଜିକାଲି ବିଶ୍ୱର କେତେକ ମୁଷ୍ଟିମୟ ଦେଶକୁ ଛାଡ଼ି ଦେଲେ ଅନ୍ୟ କୌଣସି ଦେଶରେ ରାଜା ନାହାନ୍ତି ।

ଆମ ଦେଶ ଭାରତରେ ମଧ ରାଜା ନାହାନ୍ତି । ଦେଶର ରାଷ୍ଟ୍ରପତି ହିଁ ସର୍ବୋଚ୍ଚ ଶାସନ କର୍ତ୍ତା ଯଦିଓ ରାଷ୍ଟ୍ରପତିଙ୍କ ନାମରେ ଦେଶ ଚାଲେ (ଦେଶରେ ଶାସନ ଚାଲେ) କିନ୍ତୁ ପ୍ରକୃତରେ ଶାସନ କରନ୍ତି କେନ୍ଦ୍ର ସରକାର ଓ ପ୍ରଧାନ ମନ୍ତ୍ରୀଙ୍କର ନେତୃତ୍ୱରେ ଶାସନ ଚାଲେ । ଆମ ଦେଶ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଓ ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ଚାଲେ । ଆମର ଲିଖିତ ସମ୍ବିଧାନ ଅଛି । ଆମ ଦେଶ ଅଣତିରିଶି (୨୯) ରାଜ୍ୟକୁ ନେଇ ଗଠିତ । ସବୁ ରାଜ୍ୟରେ ରାଜ୍ୟପାଳ ଅଛନ୍ତି । ସାମ୍ବିଧାନିକ ବିଧିବ୍ୟବସ୍ଥାରେ ରାଷ୍ଟ୍ରପତି ରାଜ୍ୟପାଳମାନଙ୍କୁ ନିଯୁକ୍ତ କରନ୍ତି । ଦେଶରେ ରାଷ୍ଟ୍ରପତି ହେଉଛନ୍ତି ସର୍ବୋଚ୍ଚ ଶାସନ କର୍ତ୍ତା । ରାଜ୍ୟରେ ରାଜ୍ୟପାଳମାନେ ହିଁ ରାଜ୍ୟଗୁଡ଼ିକର ସର୍ବୋଚ୍ଚ ଶାସନ କର୍ତ୍ତା । ଯଦିଓ ରାଜ୍ୟର ସର୍ବୋଚ୍ଚ ଶାସନ କର୍ତ୍ତା ହେଉଛନ୍ତି ରାଜ୍ୟପାଳ ଓ ତାଙ୍କ ନାମରେ ଶାସନ ଚାଲେ, କିନ୍ତୁ ରାଜ୍ୟର ଶାସନ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ପରିଚାଳିତ ହୁଏ । ସେ ରାଜ୍ୟର ଶାସନ କର୍ତ୍ତା, ରାଜାଙ୍କର କାର୍ଯ୍ୟ କରନ୍ତି । ସେହି ଦୃଷ୍ଟିରୁ ରାଜ୍ୟର ଶାସକ ହିଁ ରାଜାଙ୍କର କ୍ଷମତା ଉପଭୋଗ କରନ୍ତି । ତେଣୁ ରାଜ୍ୟ ସରକାର ବା ଶାସକଙ୍କର ଆଦେଶକୁ ରାଜାଦେଶ ବୋଲି ରାଜ୍ୟବାସୀ ମାନିବାକୁ ବାଧ୍ୟ । ରାଜାଦେଶ ଉଲଙ୍ଘନ କଲେ ଦଣ୍ଡନୀୟ ଅପରାଧ ବୋଲି ଧରି ନିଆଯିବ, ଦଣ୍ଡ ପ୍ରଦାନ କରାଯିବ । ଯଦି କେବେ କୌଣସି ପ୍ରତିବାଦ ବା ବିରୋଧ ବା ଜନ ଅସନ୍ତୋଷ ପ୍ରକାଶ ପାଏ ତେବେ ତାହା କୋର୍ଟ କଚେରୀ ଯିବା ପୂର୍ବରୁ ବିଭିନ୍ନ କମିସନ ବସେ, ରାଜ୍ୟ ଭିଜିଲାନସ୍ ଦ୍ୱାରା ଇନ୍‌କ୍ୱାରୀ କରାଯାଏ କେବଳ କାଳ କ୍ଷେପଣ ପାଇଁ । କିନ୍ତୁ ଇନକ୍ୱାରୀ ରିପୋର୍ଟ ବା କମିସନଙ୍କ ରିପୋର୍ଟ ବିଭିନ୍ନ ରାଜ୍ୟରେ ଲୋକଲୋଚନକୁ ଆସେ ନାହିଁ, ଯଦି ଆସେ ତାହା ରାଜା ଦେଶ ସପକ୍ଷରେ ଆସେ ବା ରାଜାଦେଶ ସହ ସମାନ କିମ୍ବା ରାଜାଙ୍କର ବିରୁଦ୍ଧାଚାରଣ କରେରେ ନାହିଁ, କାରଣ ରାଜା ଯାହା କରନ୍ତି ଠିକ୍, ସେ କିଛି ଭୁଲ କରନ୍ତି ନାହିଁ ବୋଲି ମାନନିଆଯାଏ । ତା'ପରେ ରବୁ ଚୁପଚାପ୍ । ଆଜିକା କଥା କାଲିକୁ ନାହିଁ । ସମସ୍ତେ ନୀରବି ଯାଆନ୍ତି । ରାଜାମାନେ ସି.ବି.ଆଇକୁ ପଠେଇବାକୁ ଡରନ୍ତି, କାରଣ ସି.ବି.ଆଇକୁ ମାମଲା ଗଲେ ମାମଲାର ଅସଲି କଥା ବାହାରକୁ ଆସିବ ରାଜାଙ୍କର ଭୁଲ ଜଣାପଡ଼ିବ, ରାଜାମାନେ ରାଜ୍ୟରେ ଅପରାଧି ହେବେ, ରାଜାମାନଙ୍କ ନାମରେ କଳଙ୍କ ଲାଗିବ ବା ରାଜାମାନଙ୍କ ସମ୍ମାନରେ ଆଞ୍ଚ ଆସିବ । ସେହି କାରଣରୁ ରାଜ୍ୟମାନଙ୍କରେ ରାଜା (ଗାଦିସୀନ ସରକାର) ବିଶେଷ କରି ଯେଉଁଠାରେ ବିରୋଧୀ ଦଳ ଗୁଡ଼ିକ ଦୁର୍ବଳ ବା ନିଷ୍କ୍ରିୟ, ସେ ରାଜ୍ୟଗୁଡ଼ିକର ଗାଦିସୀନ ସରକାରମାନେ ଏକଚାଟିଆ ବା ମନମୁଖୀ ଶାସନ କରିପାରନ୍ତି । କିନ୍ତୁ ଦେଶର ଅଧିକାଂଶ ବା କେତେକ ରାଜ୍ୟମାନେ ନିଜ ନିଜ ରାଜ୍ୟରେ ବିଭିନ୍ନ ମାମଲାକୁ ସି.ବି.ଆଇ ତଦନ୍ତ କରୁ ବୋଲି ଚାହାଁନ୍ତି ନାହିଁ, ଏହାର ଜ୍ୱଳନ୍ତ ଉଦାହରଣ ରାଜ୍ୟ ହେଉଛି ପର୍ଶ୍ଚିମବଙ୍ଗ ଯେଉଁଠାରେ କି ସଂଖ୍ୟାଗରିଷ୍ଠତା ଥାଇ ମଧ ସି.ବି.ଆଇ ଇନକ୍ୱାରୀ ଆଦୌ କରନ୍ତି ନାହିଁ ବା କରାଇ ଦିଅନ୍ତି ନାହିଁ ।

କିନ୍ତୁ ୨୦୨୦ ଜୁଲାଇ ୧୪ ତାରିଖରେ ସୁଶାନ୍ତ ସିଂହ ରାଜପୁତଙ୍କର ହତ୍ୟା ଘଟଣାରେ ମହାରାଷ୍ଟ୍ର ସରକାରଙ୍କ ଭିଜିଲାନସ୍ ରାଜାଦେଶ ବା ରାଜ୍ୟସରକାରଙ୍କ ଆଦେଶ ପାଳନର ନୀତି ଆପଣେଇ ଥିଲେ । ଦୋଷୀ ଅପରାଧୀମାନେ ଯେପରି ଦଣ୍ଡ ନପାଆନ୍ତୁ (ଧରା ନପଡ଼ନ୍ତୁ) ଓ ରାଜ୍ୟ ସରକାରଙ୍କ ସମ୍ମାନରେ ଯେପରି ଆଞ୍ଚ ନ ଆସୁ ସେ ରାଜ୍ୟର ଭିଜିଲାନସ ଦ୍ୱାରା ଇନକ୍ୱାରୀ କରାଇ ମାସାଧିକ କାଳ ବିତି ଯାଇଥିଲେ ବି ତଦନ୍ତରୁ କିଛି ଆଶାନୁରୂପ ଫଳ ମିଳିବ ବୋଲି ଲୋକେ ଭରସା କରିପାରିଲେ ନାହିଁ । ସୁଶାନ୍ତଙ୍କ ଘର ବିହାର ପ୍ରଦେଶରେ ସେ ବିହାର ର ବାସିନ୍ଦା ହୋଇଥିବାରୁ ତାଙ୍କର ପିତାମାତା ଓ ପରିବାର ବର୍ଗ ବିହାର ସରକାରଙ୍କୁ ଅନୁରୋଧ କରି ସି.ବି.ଆଇ ତଦନ୍ତ (ହତ୍ୟା ମାମଲାକୁ) କରୁ ବୋଲି ଦାବୀ କରିଲେ । ବିହାର ସରକାରଙ୍କ ତରଫରୁ ବିହାର ପୋଲିସ ଯଦିଓ ମହାରାଷ୍ଟ୍ର ଯାଇଥିଲେ, କିନ୍ତୁ ସେଠାକାର ପୋଲିସଙ୍କ ଅସହଯୋଗୀତା ଯେଗୁଁ ନିରାଶରେ ବିହାର ପୋଲିସ୍ ଫେରି ଆସିଲେ ଓ ତା'ପରେ ବିହାର ସରକାର ଏ ମାମଲାକୁ ସି.ବି.ଆଇ ତଦନ୍ତ କରୁ ବୋଲି ସୁପ୍ରିମ୍ କୋର୍ଟଙ୍କୁ ଆଦେଶ ଦେବାକୁ ନିବେଦନ କରିଥିଲେ । ସୁପ୍ରିମ୍ କୋର୍ଟ ଏ କେଶ (ମାମଲା) କୁ ସି.ବି.ଆଇ ତଦନ୍ତ କରୁ ବୋଲି ମହାରାଷ୍ଟ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ସହ ଜଣାଇ ଦେଲେ । ସୁପ୍ରିମ୍ କୋର୍ଟଙ୍କ ଆଦେଶରେ ସି.ବି.ଆଇ ତଦନ୍ତ ଜାରି କରି ତଦନ୍ତ କରାଗଲା । ମୁଖ୍ୟ ଅପରାଧୀଙ୍କ ସହିତ ଅନ୍ୟାନ୍ୟ ସହଯୋଗୀ ଧରାପଡ଼ି ଜେଲ ଗଲେ ।ତଦନ୍ତରୁ ଏହା ସ୍ପଷ୍ଟ ହୋଇଛି ଯେ ସୁଶାନ୍ତ ସିଂ ରାଜପୁତ ଜଣେ ଅଭ୍ୟାସଗତ ଡ୍ରଗ ବ୍ୟବହାରକାରୀ ନଥିଲେ । କିମ୍ବା ସେ ଆତ୍ମହତ୍ୟା କରି ମରିନାହାଁନ୍ତି । କିନ୍ତୁ ସତ୍ୟ ହେଲା ଯେ ମୃତ୍ୟୁବରଣ କରିଛନ୍ତି ।

କିପରି ମରିଛନ୍ତି ବା କିଏ ମାରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ । କହିବାକୁ ଗଲେ ଫ୍ୟାକ୍ଟ ଇଜ୍ ଟୁ ବଟ ନୋ କ୍ଲୁ ରେ ରହିଛି । ସୁଶାନ୍ତଙ୍କର ଲକ୍ଷ ଲକ୍ଷ ପ୍ରଶଂସକ ଓ ସାଧାରଣ ଜନତା ବିଶ୍ୱାସ କରନ୍ତି ଯେ ଡ୍ରଗ ଖାଇ କିମ୍ବା ଆତ୍ମହତ୍ୟା କରିନାହାଁନ୍ତି । ତାଙ୍କୁ କୌଣସି ପ୍ରକାରେ ହତ୍ୟା କରାଯାଇ ଟାଙ୍ଗି ଦିଆଯାଇଛି । ସି.ବି.ଆଇ ଓ ଏନ୍.ସି.ବି. ତଦନ୍ତରୁ ଜଣାପଡ଼ିଛି ଯେ ସୁଶାନ୍ତ ସିଂହଙ୍କୁ ଡ୍ରଗସ ଯୋଗାଉଥିଲେ ତାଙ୍କର ଗାର୍ଲଫ୍ରେଣ୍ଡ ରିୟା ଓ ତାଙ୍କର ଅନ୍ୟାନ୍ୟ ସହଯୋଗୀମାନେ ଯେଉଁମାନେ କି ସି.ବି.ଆଇ ଦ୍ୱାରା ଦୋଷୀ ବା ଅପରାଧି ରୂପେ ଜେଲ ଯାଇଛନ୍ତି । ରିୟାଙ୍କ ପିତା ଓ ଭାଇ ବ୍ୟାଙ୍କ ଗଚ୍ଛିତ ଅର୍ଥକୁ ହଡପ କରିବାର ଚକ୍ରାନ୍ତଧରା ପଡ଼ିଛି । ମହାରାଷ୍ଟ୍ର ରାଜ୍ୟର ଭିଜିଲାନ୍ସ ଦ୍ୱାରା ମୃତକ ସୁଶାନ୍ତଙ୍କ ଶବର ୮୦ ଭାଗ ଟେଷ୍ଟ ରିପୋର୍ଟରୁ ସେପରି କିଛି ପ୍ରମାଣ ନାହିଁ ବାକି ୨୦ ଭାଗ ଟେଷ୍ଟରୁ କିଛି ପ୍ରମାଣ ର ସଠିକତା ମିଳିପାରି ନାହିଁ । ମହାରାଷ୍ଟ୍ର ସରକାରଙ୍କ ଭିଜିଲାନ୍ସ ରିପୋର୍ଟ ଏପରି ହୋଇଛି ଯେ ଯେପରି ସାପ ମରିବନାହିଁ କିମ୍ବା ବାଡ଼ି ଭାଙ୍ଗିବ ନାହିଁ ଯାହା ଫଳରେ ଏ ଘଟଣାରେ ଉକ୍ତ ରାଜ୍ୟ ସରକାରଙ୍କର କୌଣସି ଦେଷ ବା ତ୍ରୁଟି ଦେଖା ଦେଇ ନାହିଁ । ସରକାରଙ୍କୁ ସୁହାଇଲା ଭଳି ରିପୋର୍ଟ ହୋଇଛି । ଅନ୍ୟ ଅର୍ଥରେ (ପକ୍ଷରେ) କହିଲେ ରାଜ୍ୟ ସରକାର (ଶାସକ) ଯେ କି ରାଜାଙ୍କର କ୍ଷମତା ଉପଭୋଗ କରୁଛନ୍ତି ତାହା ଠିକ୍ ଅଛି କାରଣ ରାଜା କିଛି ଭୁଲ କରନ୍ତି ନାହିଁ, କିଙ୍ଗ କ୍ୟାନ୍ ଡୁ ନୋ ରଙ୍ଗର ପ୍ରମାଣ ଦେଇଛନ୍ତି ସେ ଯାହା ହେଉନା କାହିଁକି ପ୍ରତିଭାଧାରୀଙ୍କର ପ୍ରତିଭାକୁ କେହି କେବେ ହତ୍ୟା କରିପାରେ ନାହିଁ କିମ୍ବା ଧ୍ୱଂସ କରିପାରେ ନାହିଁ, ସୁଶାନ୍ତ ସିଂ ସ୍ୱର୍ଗରେ ଏହା ଦେଖୁଥିବେ । ସୁଶାନ୍ତ ସିଂହଙ୍କ ମୃତ୍ୟୁ ଦ୍ୱାରା ବମ୍ବେର ବଲିଉଡ୍ ଦୋହଲି ଯାଇଛି ଏଥିରେ କେହି ଦ୍ୱିମତ ହେବେନାହିଁ ।

ମୋ : ୮୭୬୩୭୦୪୫୫୫

# ମୁସଲିମ୍ ମହିଳାମାନଙ୍କ ସଶକ୍ତିକରଣରେ ଶିକ୍ଷାର ଭୂମିକା

ଏମ୍‌ଡି.ଇକ୍‌ବାଲ ଜାଫର

**ଏହା ସର୍ବ ଜନ ବିଦିତ ଯେ ଯେତେବେଳେ ଜଣେ ପୁରୁଷ ଶିକ୍ଷାଲାଭ କରେ ସେତେବେଳେ କେବଳ ଜଣେ ବ୍ୟକ୍ତିର ସଶକ୍ତିକରଣ ହୋଇଥାଏ, କିନ୍ତୁ ଯେତେବେଳେ ମହିଳା ଶିକ୍ଷାପ୍ରାପ୍ତ କରେ, ସେତେବେଳେ ଗୋଟିଏ ବଂଶର ସଶକ୍ତିକରଣ ହୋଇଥାଏ । କୌଣସି ସମ୍ପ୍ରଦାୟର ଉନ୍ନତି ପାଇଁ ଶିକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏକ ସାଧାରଣ ଭ୍ରାନ୍ତି ସଦାବେଳେ ବୃଦ୍ଧି ପାଇଛି ଯେ, ମହିଳାମାନଙ୍କ ଶିକ୍ଷା ଲାଭ କରିବାର କ୍ଷମତା ପୁରୁଷଙ୍କ ତୁଳନାରେ ନ୍ୟୁନ୍ । ଫଳରେ ସମସାମୟିକ ମହିଳାଙ୍କୁ ଶିକ୍ଷା ଭଳି ମୌଳିକ ଅଧିକାର ପ୍ରାପ୍ତି କରିବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଆସୁଅଛି ।**

**ଇସଲାମ୍ ପ୍ରତ୍ୟେକ ମୁସଲମାନ ମାନଙ୍କୁ ଜ୍ଞାନ ପ୍ରାପ୍ତି କରିବା ପାଇଁ ନିର୍ଦ୍ଦେଶିତ କରେ, ସେ ପୁରୁଷ ହେଉ ବା ମହିଳା ହୁଅନ୍ତୁ । ଇସଲାମ୍ ମହିଳା ମାନଙ୍କ ଉପରେ ବଂଶଜକୁ ବଢାଇବା ପାଇଁ, ପାଳି ପୋଷି ଛିଡ଼ା କରାବା ପାଇଁ ଦାୟିତ୍ୱ ନ୍ୟସ୍ତ କରେ । ଏହି ଦାୟିତ୍ୱ ଏକାକୀ ଉଲ୍ଲେଖ ଯୋଗ୍ୟ ଯେ, ଇସଲାମ୍‌ର ଶିକ୍ଷା ମହିଳା ମାନଙ୍କ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ । ଏହା ବହୁତ ହଦିତ୍‌ରେ** ପ୍ରମାଣ ଅଛି । କିନ୍ତୁ ଏପର୍ଯ୍ୟନ୍ତ ଗୋଟିଏ ମାଧ୍ୟମବର୍ଗର ମୁସଲମାନ ସମାଜରେ ଉଭୟ ଲିଙ୍ଗ ମଧ୍ୟରେ ଶିକ୍ଷାର ଗୁରୁତ୍ୱକୁ ସମାନ ଭାବରେ ଗ୍ରହଣ କରାଯାଉନାହିଁ । ଆଲ୍ଲା ତାଙ୍କର ସମସ୍ତ ବିଶ୍ୱାସୀ ମାନଙ୍କୁ ଭାବିବାକୁ, ଚିନ୍ତନ ଓ ତର୍କ କରିବାକୁ ପଥ ପଦର୍ଶିତ କରିଛନ୍ତି ଯାହା କେବଳ ଶିକ୍ଷା ଦ୍ୱାରା ହିଁ ସମ୍ଭବ । ଗୋଟିଏ ସାଧାରଣ ଧାରଣା ଅନୁସାରେ ଇସ୍‌ଲାମିକ ସଂସ୍କୃତି ଓ ଶିକ୍ଷା ମୁସଲିମ ସମ୍ପ୍ରଦାୟର ମହିଳା ମାନଙ୍କୁ ଶିକ୍ଷା ପ୍ରାପ୍ତି ଓ ସମ୍ପ୍ରଦାୟର ଅଗ୍ରଗତିରେ ଅବଦାନ ପାଇଁ ଏକ ସୀମା ନିର୍ଦ୍ଧାରଣ କରିଥାଏ, ହେଲେ ତାହା ସତ୍ୟରୁ ବିପରୀତ ଅଟେ । ପ୍ରକୃତରେ ଇସଲାମ ଆର୍ଥିକ ଦାୟିତ୍ୱକୁ ମହିଳା ମାନଙ୍କ ଉପରେ ବୋଝ ନ୍ୟସ୍ତ କରେ ନାହିଁ । କାରଣ ଏହା ସତ୍ୟ ଯେ, ଜଣେ ମୁସଲିମ୍ ମହିଳା ପ୍ରାଥମିକ ଭାବରେ ନିଜର ଖାଦ୍ୟ ପାଇଁ ଉପାର୍ଜନ କରିବାକୁ ଦାୟୀ ନୁହେଁ । ଏପରି କୌଣସି ନିୟମ ନାହିଁ ଏକ ଯାହାକି ମହିଳା ମାନଙ୍କୁ ତାଙ୍କର ପରିବାର ଓ ସମ୍ପ୍ରଦାୟର ସାମାଜିକ, ଆର୍ଥିକ ଓ ଶିକ୍ଷା ପାଇଁ କାର୍ଯ୍ୟ କରିବାରୁ ବଞ୍ଚିତ କରିପାରିବ । ଶିକ୍ଷାର ମାନେ ଖାଲି ନିଜର ପେଶାଗତ ଭୂମିକାକୁ, ଏକ ନିର୍ଦ୍ଦିଷ୍ଟ ଅର୍ଥନୀତିରେ ପୂରଣ କରିବା ପାଇଁ ନୁହେଁ ବରଂ ପ୍ରକୃତ ଶିକ୍ଷା, ସଶକ୍ତିକରଣ ଓ ସଂସ୍କାରରେ ସହାୟକ ହୋଇଥାଏ । କାହାରିକୁ ଶିକ୍ଷାରେ ମନା କରିବା ବରଖାସ୍ତ କରିବା ହେଉଛି ଏକ ନିକୃଷ୍ଟ ଧରଣର ଅତ୍ୟାଚର । ଶିକ୍ଷା ହେଉଛି ସବୁଠାରୁ ବଡ଼ ଅସ୍ତ୍ର ଯାହାକି କୌଣସି ଅତ୍ୟାଚାର ବିରୋଧରେ ପ୍ରୟୋଗ କରାଯାଇ ପାରିବ । ଶିକ୍ଷା ଯେ ମୁସଲିମ୍ ମହିଳାମାନଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ ଓ ବହୁତ ଲୋକଙ୍କ ଦ୍ୱାରା ଏହା ସୀକୃତିପ୍ରାପ୍ତ, ଏହା ପ୍ରଥମତଃ ମୁସଲିମ୍ ମହିଳା ମାନଙ୍କୁ ବୁଝିବା ଓ ସମ୍ମାନ ଦେବାକୁ ପଡ଼ିବ । ସେମାନେ ପ୍ରଥମେ ବୁଝିବା ଆବଶ୍ୟକ ଯେ ଶିକ୍ଷା ଓ ଜ୍ଞାନ ପ୍ରାପ୍ତି ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ । ଇସଲାମ୍‌ରେ ମହିଳା ମାନଙ୍କ ଆର୍ଥିକ ସ୍ୱତନ୍ତ୍ରତା ଓ ସୁରକ୍ଷା ଉପରେ ସୁନ୍ଦର ଭାବରେ ଉଲ୍ଲେଖିତ ଅଛି । ତଥାପି ବହୁତ ମହିଳାମାନେ ଏହି ସବୁ ବିଷୟରେ ଏବେ ବି ଅଜ୍ଞ ଅଛନ୍ତି । ସେହିଭଳି ବହୁ ଅଧିକାର ଯେପରିକି ଛାଡ଼ପତ୍ର, ପୁର୍ନବିବାହ, ସ୍ୱସଂପତ୍ତି ଓ ବ୍ୟବସାୟ ଇତ୍ୟାଦି ବିଷୟରେ ବିଷଦ୍ ଭାବରେ କୋରାନରେ ବର୍ଣ୍ଣିତ ଅଛି । କିନ୍ତୁ ଆଧୁନିକ ସମୟରେ ଏହି ସମସ୍ତ ଅଧିକାର ଗୁଡ଼ିକର କାର୍ଯ୍ୟଶୈଳୀ ଭଲ ଭାବରେ ବୁଝିବା ପାଇଁ ପୁସ୍ତକରେ ବର୍ଣ୍ଣିତ ଓ ବିଶ୍ୱସ୍ତରୀୟ ଜ୍ଞାନର ସମ୍ପୂର୍ଣ୍ଣ ଭାବରେ ମୁସଲିମ୍ ମହିଳା ମାନଙ୍କ ପାଇଁ ଆବଶ୍ୟକ । ସଶକ୍ତିକରଣରେ ଶିକ୍ଷାର ଗୁରୁତ୍ୱ ପୂର୍ଣ୍ଣ ଭୂମିକାକୁ ମୁସଲିମ୍ ମହିଳାଙ୍କୁ ନିଶ୍ଚିତ ଭାବରେ ଅନୁଭବ କରିବା ଦରକାର । ତେଣୁ ସମ୍ପୂର୍ଣ୍ଣ ସମ୍ପ୍ରଦାୟର ଉନ୍ନତିକରଣରେ ମୁସଲିମ୍ ମହିଳା ମାନଙ୍କ ସାମର୍ଥ୍ୟ, ଦକ୍ଷତା ଓ ବୁଦ୍ଧିମତାକୁ ଉପଯୋଗ କରିବା ପାଇଁ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ ଅଟେ ।

# ଜୀବନସଂଗ୍ରାମ ସ୍ୱାଧୀନତା ଜରୁରୀ

ମାୟାଧର ନାୟକ

ମୁକ୍ତି ସଂଗ୍ରାମର ସ୍ୱାଧୀନତା ଆମେ ପାଇବା ଚଉସ୍ତରି ବର୍ଷରୁ ବେଶି ହେଲାଣି । ମାତ୍ର ଏପର୍ଯ୍ୟନ୍ତ ଆମ ଜୀବନସଂଗ୍ରାମର ସ୍ୱାଧୀନତା ହାସଲ କରିବାରେ ଗୋଟିଏ ଦିନ କ'ଣ, ଗୋଟିଏ ଘଂଟା କ'ଣ, ଗୋଟିଏ ମିନିଟ୍ କ'ଣ – ଗୋଟିଏ ସେକେଣ୍ଡ୍ ବି ଆମେ ଅତିକ୍ରମ କରିପାରିନାହୁଁ । ରାଜନୈତିକ ମୁକ୍ତିସଂଗ୍ରାମ ସରିଯାଇଛି ବୋଲି ଧାରଣା ହେଲାବେଳକୁ ଅର୍ଥନୈତିକ ପରାଧୀନତା ଆମକୁ ଗୋଟାପଣେ ଗ୍ରାସ କରିସାରିଲାଣି । ଆମ ଦେଶ, ଆମ ପ୍ରଦେଶ ଏହି ଅର୍ଥନୈତିକ ପରାଧୀନତାର ପ୍ରଭାବରେହିଁ ଆଜି ପରସ୍ପରଠାରୁ ମାନସିକ ଭାବରେ ବିଚ୍ଛିନ୍ନ । ଯଦି ଦିଲ୍ଲୀର ଭାରତ ସରକାର ଆମ ପ୍ରାଦେଶିକ ରାଜଧାନୀରେ ଶାସନଭାର ସମ୍ଭାଳିଥିବା ରାଜ୍ୟ ସରକାରଙ୍କ ଏକଦଳୀୟ ବା ଦ୍ୱିଦଳୀୟ ରାଜନୈତିକ ଚିହ୍ନ ଓ ଚିତ୍ରରୁ ଭିନ୍ନ ହୋଇଥାନ୍ତି, ତା'ହେଲେ ଦେଶ ଓ ପ୍ରଦେଶ ମଧ୍ୟରେ ଆରମ୍ଭ ହୋଇଯାଏ ବିବାଦ, ବିତର୍କ, ବ୍ୟବଧାନ । ରାଜ୍ୟ ତରଫରୁ ଅର୍ଥନୈତିକ ଦିଗରୁ କେନ୍ଦ୍ର ଉପରେ ଦୋଷତକ ଲଦିଦେଇ ଆମ ପ୍ରାଦେଶିକ ନେତୃବର୍ଗ ନିଜ ଅପାରଗତା ବା ଦାୟିତ୍ୱହୀନତାକୁ ଘଂଟ ଘୋଡାଇବାର ଅଭ୍ୟାସରେ ଗୁଡିଏ ତୁମ୍ବିତୋଫାନ ସୃଷ୍ଟି କରନ୍ତି କେବଳ । କେନ୍ଦ୍ରରେ ଯଦି ଭିନ୍ନ ଦଳର ନେତୃତ୍ୱ ଜାରି ରହିଥାଏ ଏବଂ ସେ ନେତୃତ୍ୱ ଯଦି ପ୍ରକୃତରେ ଜନଗଣଙ୍କ ସ୍ୱାର୍ଥ ପ୍ରତି ସଜାଗ ନଥାଇ କେବଳ ନିଜ ଶାସନଗତ ସୁରକ୍ଷା ବା ରାଜନୈତିକ ଦଳୀୟତା ଦ୍ୱାରା ନିୟନ୍ତ୍ରିତ ହେଉଥାନ୍ତି, ତେବେ କଥା ସରିଲା । ଏ କ୍ଷେତ୍ରରେ ରାଜ୍ୟର ରଡିକୁ ମୋଟେ କାନ ଦିଏନି କେନ୍ଦ୍ର । ରାଜ୍ୟ ଓ କେନ୍ଦ୍ର – ଏ ଦୁଇ ସ୍ଥିତିରେ ଥିବା ଦୁଇ ସରକାର ଭୋଟରମାନଙ୍କୁ ଦୁଇ ଭାଇ ନହୋଇ ଦୁଇ ଭଗାରି ଭଳି ମନେହେବାରେ ବିଚିତ୍ରତା ନାହିଁ କିଛି । ବରଂ ଭାରତ ଆମେରିକା ବିଶ୍ୱମଂଚରେ ହାତ ମିଳାମିଳି ହେବାର ଦେଖୁ, ମାତ୍ର ନିଜ ରାଷ୍ଟ୍ରୀୟ ମୁକ୍ତିର ମଇଦାନରେ କେନ୍ଦ୍ର ଓ ରାଜ୍ୟ ହତିଆର ଉଠାନ୍ତି ନିଜ ନିଜ ବିରୋଧରେ । ଉପରୋକ୍ତ ରାଜନୈତିକ ପ୍ରହସନ ଆମ ମୁକ୍ତିସଂଗ୍ରାମର ଚଉସ୍ତରି ବର୍ଷରୁ ଉର୍ଦ୍ଧ୍ୱ ସ୍ୱାଧନତା ପ୍ରତି କେତେବଡ ପ୍ରବଂଚନା ଏବଂ ଏ ପ୍ରବଂଚନାରେ ଯେଉଁମାନେ ପ୍ରକୃତରେ ଘୋର କ୍ଷତିଗ୍ରସ୍ତ ଓ ବିପର୍ଯ୍ୟସ୍ତ – ସେଇ ନିରୀହ ନୟାନ୍ତ ଜନଗଣଙ୍କ ପ୍ରତି ଏହା ଯେ କେଉଁଭଳି ଜଘନ୍ୟ ଅବମାନନା, ଏ ବିଚାର ବିମର୍ଶ ପାଇଁ କ'ଣ ଏଯାବତ୍ ଭାରତୀୟ ରାଜନେତାମାନଙ୍କର ଅବକାଶ ଆସିନି ? ପାର୍ଟି ଆଉ ପଲିଟିକ୍‌ସ – ଏ ଦୁଇଟାଯାକ କ'ଣ ଦେଶ ଆଉ ଜାତୀୟ ଜୀବନଠୁ ବଡ ? ନାଲିବତି ଗାଡିରେ ଶୋଇଶୋଇ, ହେଲିକେପ୍ଟରରେ ବସିବସି ଆଉ କେତେକାଳ ଆମ ଶାସନର ସୂତ୍ରଧର ଶ୍ରେଣୀ ଦେଶକୁ ଦେବାଳିଆ କରି ଜାତୀୟସଂପତିକୁ ବ୍ୟକ୍ତିସଂପତି ଭାବରେ ବ୍ୟବହାର କରିଚାଲିଥିବେ ? ଭାରତୀୟ ନେତୃତ୍ୱ ଭୋଟରମାନଙ୍କୁ କେବଳ ଭେଳିକି ଦେଖାଇଚାଲିଛି, ଆଦିବାସୀ ଓ ଅଧିବାସୀ ଉଭୟ ଜନସମୂହକୁ ବଂଚିବାର ସର୍ବନିମ୍ନ ସୁଯୋଗପ୍ରଦାନରୁ ବଂଚିତ କରିଆସିଛି, ବିଭିନ୍ନ ଧର୍ମ ଓ ବର୍ଣ୍ଣର ସଂପ୍ରଦାୟ ଓ ସଂଗଠନଗୁଡିକୁ ନିଜ ଭୋଟ୍ ହାସଲର ଲାଳସାରେ ମତାମତି କରି ବଳିର ବକ୍ରି କି କୂଟଯୁଦ୍ଧ କରିଚାଲିଛି, ବେକାର ଯୁବପିଢିକୁ ଯଦୁବଂଶରେ ପରିଣତ କରିସାରିଛି, ମାଫିଆକୁ ମାଫି ଦେଇ ମାଆଭଉଣୀ ଝିଅବୋହୂମାନଙ୍କ ମାନମହତକୁ ଫେସନ୍ ଶୋ'ରେ ଫାଶରେ ପକାଇଛି, ଗାଁକୁ ନାଆଁକୁ ମାତ୍ର ଭତା ଯୋଗାଇ ସହରକୁ ଦରମା ଦେଇଛି, ଚାଷୀମୂଲିଆଙ୍କୁ ଚଉବେଂଟି କରି ମାଲିକ ମହାଜନଙ୍କୁ ମହିମାମୟ କରିଛି, ମାଷ୍ଟରମାନଙ୍କୁ ଗୁମାସ୍ତା ବନାଇ ପୁଲିସ୍‌ବାଲାଙ୍କୁ ଗୋଲାମ୍ ରଖିଛି, ନାଉଚୋରକୁ ନାକରେ କନ୍ଦାଇ ଡକାୟତଙ୍କୁ ଡେରାକୁ ଡାକିଆଣିଛି, ଠାକୁର ନାଆଁରେ ମଣିଷ ମାରି କୁକୁର ବେକରେ ବକଲିସ୍ ଝୁଲାଇଛି । ଚୂଲି-ଚାଳ-ଚାଉଳର ଭାରତବର୍ଷକୁ ଚୂର୍‌ମାର୍ କରି ଜଳ-ଜମି-ଜଂଗଲର ମହାଭାରତକୁ ଛାରଖାର୍ କରିବାରେ ଲାଗିଛି – ଟଂଟିକଟା ଅଂଟିଛୁରୀମାନଙ୍କୁ ଏକାଠି କରିସାରି ଏ ଜାତିର ଘଂଟି ବଜାଇଛାଲିଛି ଭାରତୀୟ ନେତୃତ୍ୱ । ଆଜିର ଭାରତୀୟ ନେତୃତ୍ୱ ଏକପ୍ରକାର ସ୍ୱବିରୋଧର ରାଜନୀତିରେ ସକ୍ରିୟ । ମୁକ୍ତିସଂଗ୍ରାମର ସ୍ୱାଧୀନତା ଆଜି ତେଣୁ ମରୀଚିକା ମାତ୍ର । ଯଦି ଏପ୍ରକାର ମୁକ୍ତିସଂଗ୍ରାମକୁ ନେଇ ଆମେ ଆମ ପିଲାମାନଙ୍କ ଆଗରେ ଇତିହାସ ବଖାଣିବସୁ, ତା'ହେଲେ ସେ ଇତିହାସଟା ଉପହାସ ଛଡା ଆଉ କ'ଣ ହୋଇପାରେ ? ଯଦି ଆମର ମୁକ୍ତିସଂଗ୍ରାମ ଆମ ଜୀବନସଂଗ୍ରାମର ବିଷୟବସ୍ତୁ ଉପରେ ଆଧାରିତ ହେବାର ନଥିଲା, ତା'ହେଲେ ଖାଲି କ'ଣ ରାଜନୈତିକ କ୍ଷମତା ହସ୍ତାନ୍ତରକୁ ନେଇ ଆମେ ଆମର ସ୍ୱାଧୀନତାର ସଂଜ୍ଞା ନିର୍ଦ୍ଧାରଣ କରିପାରିବା କଦାପି ? ଭାରତବର୍ଷର ସବୁଠୁ ବଡ ବିଡମ୍ବନା ହେଉଛି, ଏଠି ଅନେକ ପ୍ରଶ୍ନ – କିନ୍ତୁ ଉତର ପାଇଁ ଅପେକ୍ଷା ନାହିଁ । ଯିଏ ଯେତେବେଳେ ଯାହା ଚାହିଁଲା, କରିପାରିଲା ଆରମ୍ଭରେ । ହତ୍ୟାର ବାତ୍ୟା, ଧର୍ଷଣର ଧାରାବାହିକତା, ଆତଙ୍କର ଆବର୍ତ, ଅନ୍ୟାୟର ଅସମାପ୍ତି, କଳନାହୀନ କଳାଟଙ୍କାର କୂଟଚକ୍ରାନ୍ତରେ ଜନସାଧାରଣ ଯେତେବେଳେ ଜର୍ଜରିତ, ସେତେବେଳେ ଭାରତୀୟ ରାଜନୀତିର ଚରିତ୍ର ନିଜ ସୁବିଧାବାଦର ସୂତ୍ର ବୟନରେ ବ୍ୟସ୍ତ । ଭାରତୀୟ ରାଜନେତାବର୍ଗ ଏକପକ୍ଷରେ ଦେଶର ଦଳପତି ହେଲେହେଁ ଅପରପକ୍ଷରେ ବିଦେଶର ବିଦୂଷକ । ସେମାନେ ଆମର ମାମୁଲି ମଣିଷମାନଙ୍କୁ ଗୁଳି କରିଦେବାର ହୁକୁମ୍ ଦେବାକୁ ପଛାଇବେ ନାହିଁ, କିନ୍ତୁ ବିଦେଶରୁ ଯଦି କୌଣସି ଅଚିହ୍ନା ଅତିଥି ଆସିଗଲେ, ତାଙ୍କୁ ମୁଣ୍ଡରେ ବସାଇବାର ବାଦିପାଲା ଆରମ୍ଭ କରିଦେଇଥାନ୍ତି । ମୁକ୍ତି ସଂଗ୍ରାମର ବିଦେଶୀ ଶାସନକୁ ବଦଳାଇ ଦେଶୀଶାସନକୁ ଦେଶର ଦଖଲଦାରି ଦେବା ଥିଲା ସେଦିନର ଲକ୍ଷ୍ୟ । ମାତ୍ର ସେ ଲକ୍ଷ୍ୟ ପୂରଣ ହେବା ପରେ ଆମେ ଏବେ କ'ଣ ଦେଖୁଛୁ ? କେବଳ ଗୋଟାଏ ପ୍ରତାରିତ ଭାରତବର୍ଷ । ପ୍ରଥମେ ସ୍ୱାଧୀନତାର ବଳିବେଦୀ ଉପରେ ଶହୀଦ କରିଦିଆଗଲା ମହାତ୍ମା ଗାନ୍ଧୀଙ୍କୁ । ଏବେ ତାଙ୍କ ପୁରୁଣା ଆସବାବପତ୍ରରୁ ବିଦେଶକୁ ଚାଲାଣ ହୋଇଯାଇଥିବା କିଛି ସାମଗ୍ରୀକୁ ୯ କୋଟି ଟଙ୍କାରେ ନିଲାମ ନେଇ ଭାରତ ସରକାରଙ୍କୁ ଉପହାର ଦେଇଦେଲେ ମଦସାମ୍ରାଜ୍ୟର ମାଲିକ ବିଜୟ ମାଲ୍ୟା ! ଖବରକାଗଜରେ ବଡବଡ ହଜାରେ ପ୍ରଶଂସା ଅଜାଡି ଦିଆଗଲା ମାଲ୍ୟା ମହାଶୟଙ୍କ ନାଆଁରେ । ଯେଉଁ ମଦ, ଅଫିମ, ଗଂଜେଇ, ନିଶାଦ୍ରବ୍ୟ ନିବାରଣ ପାଇଁ ମହାତ୍ମା ଗାନ୍ଧୀ ଦିନେ ଭାରତବର୍ଷର ଗଳିଗଳିରେ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ, ଆଜି ତାଙ୍କ ବ୍ୟବହୃତ ସାମଗ୍ରୀର ବିକାକିଣା ବ୍ୟବସାୟ ଚାଲିଛି ଦିନ ଦିପହରେ ଏବଂ ତାର ନାୟକତ୍ୱ ନେଇଛନ୍ତି ଖୋଦ୍ ଜଣେ ମଦ୍ୟ ବିକ୍ରେତା ! କି ନିର୍ଲଜ୍ଜ ନାଟକୀୟତା ! କୁଆଡେ ଗଲା ଆମ ଗାରତୀୟ ମାନସିକତାର ସଂଗ୍ରାମୀ ମୂଲ୍ୟବୋଧ ? ବିଦେଶର ବନ୍ଦୀବଖରାରେ ମିଆଦ ପୂରିଯିବା ପରେ ମୁକ୍ତଭାରତର ଜନଗଣ ଯେଉଁ ନୂଆ ସକାଳର ଚେହେରା ଦେଖିବେ ବୋଲି ରାତି ବାରଟାରେ ସ୍ୱପ୍ନ ଦେଖୁଥିଲେ, ସେ ସ୍ୱପ୍ନ କୁହୁଡି କେବଳ । ଗାନ୍ଧୀଙ୍କ ଦ୍ୱାରା ଜୀବନ୍ୟାସ ପାଇଥିବା କଂଗ୍ରେସ୍ ଦଳକୁ ସ୍ୱାଧୀନତା ପରବର୍ତୀ ଭାରତବର୍ଷର ନେହରୁତନ୍ତ୍ର ସଂପୂର୍ଣ୍ଣ କବଳିତ କରିଦେଇ ଦେଶକୁ ଠେଲିଦେଲା ଗୋଟାଏ ପ୍ରବଂଚନାପୂର୍ଣ୍ଣ ପ୍ରଶାସନ ବ୍ୟବସ୍ଥା ମହାତ୍ମାକୁ । ଗାନ୍ଧୀଙ୍କ ଗ୍ରାମସ୍ୱରାଜ୍ୟର ରାମରାଜ୍ୟ ପଡିଲା ରାଜନୈତିକ ରାବଣମାନଙ୍କ ସୁବିଧାବାଦୀ ଚକ୍ର ମଧରେ । ଅତୀତର ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରୁ ଅଳ୍ପକେତେକଙ୍କୁ ତାମ୍ରଫଳକ, ମାନପତ୍ର ଓ ପେନ୍‌ସନ୍ ଧରାଇଦେଇ ବର୍ତମାନର ଧୂର୍ତ୍ତ ଶାସକବର୍ଗ ଏମ୍‌ଏଲ୍‌ଏ-ଏମ୍‌ପି- ମନ୍ତ୍ରୀଜାତୀୟ ଜୀବମାନଙ୍କ ପାଇଁ ଖଂଜିଦେଲେ ଯାବଜ୍ଜୀବନ ଯାବତୀୟ ସୁଖସ୍ୱାଚ୍ଛନ୍ଦ୍ୟ ସହିତ ଲୋଭନୀୟ ବେତନ ଓ ଭତା । କିନ୍ତୁ ଲୋକମାନଙ୍କ ପାଇଁ ସେମାନେ କ'ଣ କଲେ, ନକଲେ – ସେ ବାବଦରେ ପ୍ରଶ୍ନଟିଏ ପଚାରିବା ଏଠି ଆଇନବିରୋଧୀ କାର୍ଯ୍ୟକ୍ରମ ଭାବରେ ଗଣାଗଲା । ଇଏ କି ଦୃଷ୍ଟିଭଂଗୀ ? ଦେଶକୁ ଭଲପାଇବା ନା ଦଳକୁ ଭଲ ପାଇବା ? ଜାତିକୁ ଭଲପାଇବା ନା ଜାତିଆଣକୁ ଭଲପାଇବା ? ପାର୍ଟି ପତାକାଠୁ କ'ଣ ଜାତୀୟ ପତାକା ଏତେ ସାନ ? ଶୋଷକ ଶାସକମାନଙ୍କଠାରୁ କ'ଣ ଶୋଷିତ ଶାସିତବର୍ଗ ଏତେ ହୀନ ?ବିଦେଶୀ ଶାସନକୁ ଶେଷ କରିଦେଲା ପରେ ଆରମ୍ଭ ହେଲା ବିଦେଶୀ ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ । ଏମିତି ଦିନେ ବଣିକ ବେଶରେ ଭାରତକୁ ଆସିଥିଲେ ବିଦେଶୀ ବାହିନୀ । ଏବେ ଏ ନବ୍ୟବଣିକବର୍ଗଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେବାର ପରବର୍ତୀ ବିଷମୟ ପରିଣାମ ଭୋଗିବାକୁ ପ୍ରସ୍ତୁତ କି ଭାରତୀୟ ଶାସନର ନେତୃପକ୍ଷ ? ବର୍ତମାନ କେବଳ ବଣିକ ଦେଶରେ ବିଦେଶୀମାଲିକମାନେ କେବଳ ଭାରତର ମହାନଗରମାନଙ୍କୁ ମୁହାଉଁନାହାନ୍ତି, ଧର୍ମଯାଜକ ରୂପରେ ମଧ ସେମାନେ ଆମ ଆଦିବାସୀ ଗାଆଁଗଣ୍ଡା ଆଉ ଅନ୍ଧାରିମୂଲକ ମଧ୍ୟକୁ ପଶିଆସିଲେଣି । ଶିଳ୍ପଠାରୁ ଆରମ୍ଭ କରି ସଂସ୍କୃତି ପର୍ଯ୍ୟନ୍ତ – ଆମ ଜୀବନର ସବୁ କ୍ଷେତ୍ର କାଲି କୁରୁକ୍ଷେତ୍ରର ପାଉଁଶଗଦା ପାଲଟିବାକୁ ଯାଉଛି । ଯଦି ଏ ବାବଦରେ ଠିକଣା ବେଳରେ ପଦକ୍ଷେପ ନିଆ ନଯାଏ, ତା'ହେଲେ କନ୍ଧମାଳ ଓ ଅନ୍ଧମାଳ ମିଶି ଭବିଷ୍ୟତରେ ଗଢିଉଠିବ ଗୋଟାଏ ମୃତ ମନୁଷ୍ୟତାର ମରୁମୟ ମାନଚିତ୍ର – ଭସ୍ମୀଭୂତ ଭାରତବର୍ଷ ! ଆଜି ଜୀବନସଂଗ୍ରାମର ସ୍ୱାଧୀନତା ପାଇଁ ଦେଶବାସୀ ଶପଥବଦ୍ଧ ନହେଲେ ଆସନ୍ତାକାଲି ନାତି-ଅଣନାତି-ପଣନାତିମାନଙ୍କର ଉତପ୍ତ ଉତରପିଢି ଆଗରେ ଆମ ଇତିହାସ ହେବ ନିତାନ୍ତ ଲାଂଛିତ ଓ ଲଜ୍ଜାବନତ ।



# ସୁଯୋଗକୁ ଅପେକ୍ଷା

ଅଭିନୟ ଏମିତି ଏକ କ୍ଷେତ୍ର ଯେଉଁଠି ଜଣେ କଳାକାରକୁ ସର୍ବଦା ସକ୍ରିୟ ରହିବାକୁ ପଡ଼ିବ। କୌଣସି କାରଣରୁ ଦର୍ଶକଙ୍କ ଦୃଶ୍ୟପଟରୁ ଥରେ ସେ ଅପସରିଗଲେ ପୁଣି ଥରେ ଫେରିବା କଷ୍ଟକର ହୋଇପଡ଼େ। ଅଭିନେତ୍ରୀ ଆଦିତି ଭାଟିଆଙ୍କ ଭାଗ୍ୟରେ ସେପରି କିଛି ଘଟିଛି। ଷ୍ଟାର୍ସ ପ୍ଲସରେ ୨୦୧୯ ଯାଏ ପ୍ରସାରଣ ଜାରି ରହିଥିବା ଲୋକପ୍ରିୟ ଧାରାବାହିକ 'ୟେ ହୈ ମୋହବତେଁ'ର ରୁହି ଭାଲ୍ଲା ଚରିତ୍ର ପାଇଁ ଦର୍ଶକଙ୍କ ପାଖରେ ଏକ ପରିଚିତ ନାଁ ପାଲଟିଥିବା ଆଦିତିଙ୍କ ହାତ ଏବେ ସଂପୂର୍ଣ୍ଣ ଖାଲି। ଆଗରୁ ପାଞ୍ଚଟି ହିନ୍ଦୀ ସିନେମା ଓ ଦଶଟି ଧାରାବାହିକରେ ଅଭିନୟ କରିଥିବା ଆଦିତିଙ୍କର ନା ପୂର୍ବର ଲୋକପ୍ରିୟତା ଫେରିପାରୁଛି ନା ସେ ଅଭିନୟ ଜଗତ୍‌ରେ ସକ୍ରିୟ ରହି ନିଜ ଛବିକୁ ସତେଜ ରଖିପାରୁଛନ୍ତି। କେବଳ ସାମାଜିକ ଗଣମାଧ୍ୟମରେ ନିଜର କିଛି ମନଲୋଭା ଫଟୋ ଛାଡ଼ି ପୁରୁଣା ପ୍ରଶଂସକମାନଙ୍କୁ ଯାହା ଜାବୁଡ଼ି ଧରିବାକୁ ସେ ଚେଷ୍ଟା କରୁଛନ୍ତି। ମୁମ୍ବାଇଠାରେ ୧୯୯୯ ଅକ୍ଟୋବର ୨୯ରେ ଜନ୍ମ ନେଇଥିବା ଆଦିତିଙ୍କର ଶିକ୍ଷାରେ ସେଭଳି ପାରଦର୍ଶିତା ନଥିଲେ ବି ଜଣେ ଶିଶୁ କଳାକାର ଭାବେ ସେ ବେଶ ଅଗ୍ରଣୀ ଥିଲେ। ତେଣୁ ଯୁକ୍ତ ଦୁଇ ପଢ଼ିଥିବା ଆଦିତି ଅଭିନୟ ନିଶାକୁ ଜୀବନର ପେସା କରିବା ଲକ୍ଷ୍ୟରେ ଶୈକ୍ଷିକ ଦୁର୍ବଳତା ପାଇଁ ଆଦୌ ମନସ୍ତାପ କରିନଥିଲେ। ତାଙ୍କୁ ଯେତେବେଳେ ମାତ୍ର ପାଞ୍ଚ ବର୍ଷ, ହିନ୍ଦୀ ଧାରାବାହିକ 'ହୋମ୍ ସ୍ୱିଟ୍ ହୋମ୍' ମାଧ୍ୟମରେ ସେ ରୁପେଲି ପରଦାକୁ ପ୍ରବେଶ କରିଥିଲେ। ତେବେ ତାହାର ଦୁଇ ବର୍ଷ ପରେ ହିନ୍ଦୀ ଫିଲ୍ମ 'ବିବାହ'ରେ ଏକ ସଂକ୍ଷିପ୍ତ ଶିଶୁ ଭୂମିକାରେ ଅବତୀର୍ଣ୍ଣ ହୋଇ ସେ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ସେଇ ବର୍ଷ ଧାରାବାହିକ 'ଘର କି ଲକ୍ଷ୍ମୀ ବେଟିୟାଁ'ରେ ଅନୁରୂପ କ୍ଷୁଦ୍ର ଚରିତ୍ରରେ ତାଙ୍କୁ ଦେଖିବାକୁ ମିଳିଥିଲା। ତେବେ ତହିଁ ପରବର୍ଷ ହିନ୍ଦୀ ଫିଲ୍ମ 'ସୁଟ୍‌ଆଉଟ୍ ଆଟ୍ ଲୋଖଣ୍ଡୱାଲା' ଓ 'ଦି ଟ୍ରେନ୍'ରେ ତାଙ୍କର ଭୂମିକା ତାଙ୍କୁ ଆଉଟିକେ ପରିଚିତ କରାଇଥିଲା। ସେହିପରି ଧାରାବାହିକ 'ତୁଝ ସଙ୍ଗ ପ୍ରୀତ ଲଗାଇ ସାଜନା'ରେ ସେ ନିଭାଇଥିବା ତୁଳସୀ ଚରିତ୍ର ମଧ୍ୟ ବେଶ ଆକର୍ଷଣୀୟ ହୋଇପାରିଥିଲା। ତେବେ ମାଟ୍ରିକ୍ ପରୀକ୍ଷା ପରେ ହିନ୍ଦୀ ସିନେମା 'ଚାନ୍ସ ପେ ଡ୍ୟାନ୍ସ'ରେ ତାଙ୍କର ଜଣେ ଅନୁଢ଼ା କିଶୋରୀ ଅବତାରକୁ ଦର୍ଶକ ବେଶୀ ଗ୍ରହଣ କରିଥିଲେ। ଏଥି ସହିତ ୨୦୧୫ରେ ସେ ନିଜର ସ୍ଥିତିକୁ କାଏମ୍ ରଖିବା ଲାଗି ଧାରାବାହିକ 'ଟସନ୍-ଇ-ଇସ୍କ'ରେ କିଛି ପ୍ରଭାବୀ ଛାପ ଛାଡ଼ିପାରିଥିଲେ। ସର୍ବୋପରି ୨୦୧୬ରୁ ୨୦୧୯ ଯାଏ ପ୍ରସାରିତ ସୁଦୀର୍ଘ ଧାରାବାହିକ 'ୟେ ହୈ ମୋହବତେଁ'ରେ ସେ ଆଶାତୀତ ଲୋକପ୍ରିୟତା ହାସଲ କରିଥିଲେ। ଏହି ଅବସରରେ ୨୦୧୭ରେ ମଧ୍ୟ ହିନ୍ଦୀ ସିନେମା 'ସରଗୋସିୟାଁ'ରେ କୌଣସି ମତେ ସାମିଲ ହୋଇ ବଡ଼ ପରଦା ସହ ଯୋଡ଼ି ହୋଇଥିଲେ। ମାତ୍ର ତାହା ପରଠାରୁ ଆଉ ତାଙ୍କୁ କୌଣସି ଫିଲ୍ମ ପାଇଁ ପ୍ରସ୍ତାବ ଆସିନି। ଅପରପକ୍ଷେ, କିଛି ବାସ୍ତବଧର୍ମୀ ଟିଭି ଧାରାବାହିକରେ କେବଳ ପ୍ରତିଯୋଗୀ ସାଜି ଦର୍ଶକଙ୍କ ପାଖରେ ଆପଣାର ହେବାକୁ ସେ ଚେଷ୍ଟା ଜାରି ରଖିଛନ୍ତି। ଏବେ ବୟସ ଖସିନଥିଲେ ହେଁ ହାତରୁ ସମୟ ଖସି ଖସି ଯାଉଛି। ତଥାପି କୌଣସି ସୁଯୋଗ ଅପେକ୍ଷାରେ ଆଦିତି ରହିଛନ୍ତି।

# ଅଟୋ ଚଳାଉଛନ୍ତି ଇଂରାଜୀ ଅଧ୍ୟାପକ



ଅବସର ପରେ ରୋଜଗାର ଚିନ୍ତା। ଅଟୋ ଚଳାଇ ରୋଜଗାର କରୁଛନ୍ତି ଇଂରାଜୀ ଅଧ୍ୟାପକ। ବେଙ୍ଗାଲୁରୁର ଏହି ଉଚ୍ଚ ଶିକ୍ଷିତ ଅଟୋ ଚାଳକଙ୍କୁ ନେଇ ଚର୍ଚ୍ଚା। ଅଟୋ ଚଳାଇବାକୁ ନେଇ ନାହିଁ ସଂକୋଚ। କୁହନ୍ତି, ମୁଁ ରାସ୍ତାର ରାଜା। ଏବେ ଜଣେ ଅଟୋ ଚାଳକଙ୍କୁ ନେଇ ବେଶ୍ ଚର୍ଚ୍ଚା। ତାଙ୍କ ଶିକ୍ଷା, ବୟସ ଏବଂ ଚିନ୍ତାଧାରାକୁ ନେଇ ହିଁ ଆଲୋଚନା। ୭୪ବର୍ଷୀୟ ଏହି ଅଟୋ ଚାଳକ ଉଚ୍ଚ ଶିକ୍ଷିତ। ଜଣେ ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକ। ନାଁ ତାଙ୍କର ପଟାବି ରମନ। ମୁମ୍ବାଇ ପୋଆଇର ଏକ ବେସରକାରୀ ଶିକ୍ଷାନୁଷ୍ଠାନରେ ସେ ଅଧ୍ୟାପକ ଭାବେ କାମ କରୁଥିଲେ। କିନ୍ତୁ ଦରମା କମ୍ ଥିଲା। ବେସରକାରୀ ସଂସ୍ଥା ବୋଲି ତାଙ୍କୁ ଅବସର ପରେ ପେନସନ ମଧ୍ୟ ମିଳିଲାନି। ଚାକରି ସରିବା ପରେ ବେଙ୍ଗାଲୁରୁ ଆସିଗଲେ। ସେଠାରେ ତାଙ୍କୁ ତାଙ୍କ ଜାତି ପାଇଁ ତାଙ୍କୁ ଚାକିରି ମିଳିଲାନି। ରୋଜଗାର ପାଇଁ ଶେଷରେ ସେ ଅଟୋ ଚଲାଇବା ଆରମ୍ଭ କଲେ। ଗତ ୧୪ବର୍ଷ ହେବ ସେ ବେଙ୍ଗାଲୁରୁରେ ଅଟୋ ଚଲାଉଛନ୍ତି। ପଟାବି କୁହନ୍ତି, ଅବସର ସମୟରେ ସେ ୧୫ହଜାର ଟଙ୍କା ପାଉଥିଲେ। ଏବେ କିନ୍ତୁ ସେ ଅଟୋ ଚଲାଇ ଦିନକୁ ୭୦୦ରୁ ୧୫୦୦ଟଙ୍କା ରୋଜଗାର କରୁଛନ୍ତି। ଏତିକି ରୋଜଗାରରେ ସେ ତାଙ୍କ ଗର୍ଲଫ୍ରେଣ୍ଡ ଏବଂ ପିଲା ଆରାମରେ ଚଳୁଛନ୍ତି। ଧର୍ମ ପତ୍ନୀଙ୍କୁ ଗର୍ଲଫ୍ରେଣ୍ଡ ବୋଲି ଡାକନ୍ତି ପଟାବି। କାରଣ ତାଙ୍କୁ ଲାଗେ ପତ୍ନୀ ଡାକରେ ବେଳେବେଳେ ଦାସତ୍ୱ ଭାବନା ରହିଯାଏ। ତେଣୁ ପତ୍ନୀଙ୍କୁ ଖୁସି କରିବାକୁ ସେ ତାଙ୍କୁ ଗର୍ଲଫ୍ରେଣ୍ଡ ବୋଲି ଡାକନ୍ତି। ପଟାବି କୁହିଛନ୍ତି, ଅଟୋ ଚଲାଇବା ପାଇଁ ତାଙ୍କୁ ଆଦୌ ସଙ୍କୋଚ ଲାଗେନି। ମତେ ଲାଗେ ମୁଁ ରାସ୍ତାର ରାଜା। ଯେତେବେଳେ ଚାହିଁବି ରାସ୍ତାକୁ ଆସିବି। ଯେତେବେଳେ ଚାହିଁବି ରାସ୍ତାରୁ ଯିବି। ସତରେ ଏସବୁ ପଛରେ ପଟାବିଙ୍କ ଶିକ୍ଷାହିଁ ବଡ କାରଣ ବୋଲି କୁହାଯାଇପାରେ।

# ବ୍ରିଟିଶ ଛାତ୍ରୀଙ୍କ ପ୍ରେମରେ କଏଦୀ



ପ୍ରେମ କାହା ସହିତ କେତେବେଳେ ହେବ ତାହା କହି ହୋଇ ନଥାଏ। ପ୍ରେମ ଜାତି, ଗୋତ୍ର, ଧର୍ମ, ରଙ୍ଗ କିମ୍ବା ଉଚ୍ଚତା ଦେଖେ ନାହିଁ। ଇଂଲଣ୍ଡରୁ ଏଭଳି ଏକ ଅଦ୍ଭୁତ ପ୍ରେମ କାହାଣୀ ସାମ୍ନାକୁ ଆସିଛି। ପ୍ରକାଶିତ ରିପୋର୍ଟ ଅନୁଯାୟୀ, ମନୋବିଜ୍ଞାନର ଜଣେ ବ୍ରିଟିଶ ଛାତ୍ରୀ ଜଣେ କଏଦୀ ପ୍ରେମରେ ପଡି ଯାଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଛାତ୍ରୀ ଜଣକ ଥରଟେ ହେଲେ ବି କଏଦୀ ସହିତ ଭେଟ କରି ନଥିଲେ କି ତାକୁ ଦେଖି ନଥିଲେ ।

କେବଳ ଏତିକି ନୁହେଁ ଏହି କୁଖ୍ୟାତ ଅପରାଧୀ ନାମରେ ଛାତ୍ରୀ ଛାତିରେ ଏକ ଟାଟୁ ମଧ୍ୟ ଆଙ୍କିଥିଲେ। ଉକ୍ତ ଛାତ୍ରୀ ଜଣକ ବ୍ରିଟେନର ବ୍ରିଷ୍ଟଲରେ ବସବାସ କରନ୍ତି। ଜ୍ୟାକି ମ୍ୟାକଡାନାଲ୍ଡ ନାମକ ଜଣେ ୩୦ ବର୍ଷ ବୟସର ମନୋବିଜ୍ଞାନ ଛାତ୍ରୀ ୨୦୧୯ରେ 'ଡକ୍ସସ୍ପର ବ ଚକ୍ସସ୍ପକ୍ଟଭରକ୍ସ' ପାଇଁ ସାଇନ୍ ଅପ୍ କରିଥିଲେ। ଏହା ପରେ ସେ ୩୧ ବର୍ଷ ଆଲେକଜେଣ୍ଡର୍ ନାମକ ଜଣେ କଏଦୀ ସହ କଥା ହେବା ଆରମ୍ଭ କରିଥିଲେ। ଏହି କଏଦୀ ଡକାୟତି ମାମଲାରେ ଧରାପଡ଼ି ଜେଲ ଯାଇଥିଲା। କଥାବାର୍ତ୍ତା ହେଉହେଉ ଜ୍ୟାକିଙ୍କୁ କଏଦୀର କଣ୍ଠସ୍ୱର ବହୁତ ଭଲ ଲାଗିଥିଲା। ଜ୍ୟାକି ଡକାୟତର କଥାରେ ପ୍ରଭାବିତ ହୋଇ ଭଲ ପାଇ ବସିଥିଲେ। ଏମିତି କି ମନୋବିଜ୍ଞାନ ଛାତ୍ରୀ ୩ ମାସ ମଧ୍ୟରେ କଏଦୀକୁ ସାକ୍ଷାତ ନକରି ଛାତିରେ କୁଖ୍ୟାତ ଅପରାଧୀ ନାମରେ ଟାଟୁ ବି ଆଙ୍କି ଦେଇଥିଲେ। ଏହା ପରେ ସେ ଅପରାଧୀକୁ ଭେଟିବା ପାଇଁ ଆମେରିକାରେ ପହଞ୍ଚିଥିଲେ। ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିବା ପରେ ଅପରାଧୀ ନିଜେ ଜେଲରେ ଥାଇ ଛାତ୍ରୀଙ୍କୁ ପ୍ରେମ ପ୍ରସ୍ତାବ ଦେଇଥିଲା। ଏହା ପରେ ଦୁହିଁଙ୍କ ନିର୍ବନ୍ଧ ହୋଇଯାଇଥିଲା।

# ଅପରାଜିତା ଫୁଲରୁ ବ୍ଲୁ ଟି'



ସାଧାରଣତଃ ଚା ପିଇବାକୁ ସମସ୍ତ ଭଲ ପାଆନ୍ତି। ଅନେକ ଲୋକ ଭିନ୍ନ ଚା ପିଅନ୍ତି। ଯେପରିକି ଆପଣ ନିଶ୍ଚିତ ଭାବରେ ମସାଲା ଚା, ଗ୍ରୀନ ଟି ଓ ବ୍ଲାକ ଟି ନାମ ଶୁଣିଥିବେ। ସେହିଭଳି ସ୍ୱାସ୍ଥ୍ୟ ଏବଂ ଟେଷ୍ଟ ବିଷୟରେ କହିବାକୁ ଗଲେ ବ୍ଲୁ ଟି' ମଧ୍ୟ ଆଗରେ ରହିଛି। ପ୍ରାକୃତିକ ଉପାଦାନରୁ ପ୍ରସ୍ତୁତ ଏହି ଚା'ରେ ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ଇନ୍‌ଫ୍ଲାମେଟୋରୀ, ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ସେପ୍ଟିକ୍ ଗୁଣ ରହିଛି ଯାହା ବହୁ ପ୍ରକାରରଯନ୍ତ୍ରଣାକୁ ଦୂର କରିଥାଏ । ଏହି ଚା 'ଅତ୍ୟନ୍ତ ଲାଭଦାୟକ ଅଟେ। ଏହି ବ୍ଲୁ ଟି' ପ୍ରକୃତରେ ଅପରାଜିତା ଫୁଲରୁ ତିଆରି ହୋଇଥାଏ ତେଣୁ ଏହାର ରଙ୍ଗ ନୀଳ। ଆୟୁର୍ବେଦ ଅନୁଯାୟୀ, ଅପରାଜିତା ଫୁଲକୁ ଔଷଧ ଭାବରେ ବ୍ୟବହାର କରାଯାଉଥିଲା। ତେବେ ଆସନ୍ତୁ ଜାଣିବା ବ୍ଲୁ ଟି' ପିଇବା ଦ୍ୱାରା କଣ ଲାଭ ମିଳିଥାଏ। ଯେଉଁମାନେ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ସେମାନେ ଏହି ଚା' ପିଇପାରିବେ। ବ୍ଲୁ ଟି ' ପଲିଫେନୋଲରେ ପରିପୂର୍ଣ୍ଣ ଏବଂ ଏହା ମେଟାବୋଲିକ୍ ହାର ବୃଦ୍ଧି ପାଇଁ କାମ କରେ। ଏହା ସହ ମଧୁମେହ ରୋଗୀଙ୍କ ପାଇଁ ସୁଗାର ନିୟନ୍ତ୍ରଣ କରିବାରେ ଏହା ମଧ୍ୟ ସହାୟକ ହୋଇଥାଏ। ବିଶେଷକରି ଟାଇପ୍- ୧ ଡାଇବେଟିସ୍ ରେ ଏହା ଭଲ ଫଳାଫଳ ଦେଖାଏ। ଗ୍ରୀନ୍ ଟି ଅପେକ୍ଷା ବ୍ଲୁ ଟି 'ରେ ଅଧିକ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଏହି ଚା ଏକ ରୋଗ ପ୍ରତିରୋଧକ ଶକ୍ତି ଭାବରେ କାମ କରେ। କର୍କଟ ରୋଗରେ ଏହି ଚା ପିଇବା ଦ୍ୱାରା ଅନେକ ଉପକାର ଦେଖାଯାଏ।

# ଟ୍ରେନ୍‌ରେ ଆବଶ୍ୟକ ହୁଏ ଭିସା ଓ ପାସପୋର୍ଟ




ଭାରତୀୟ ରେଲୱେ ବିଶ୍ୱର ଚତୁର୍ଥ ଏବଂ ଏସିଆର ଦ୍ୱିତୀୟ ସବୁଠାରୁ ବଡ ରେଲୱେ ନେଟୱର୍କ। ଭାରତରେ ସମୁଦାୟ ୮୩୩୮ ରେଲୱେ ଷ୍ଟେସନ ଅଛି। କିନ୍ତୁ ଜାଣିଛନ୍ତି କି ଦେଶରେ ଏମିତି ଏକ ରେଲୱେ ଷ୍ଟେସନ ଅଛି ଯେଉଁଠିକି ଯିବା ପାଇଁ ଆପଣଙ୍କୁ ଭିସା ଏବଂ ପାସପୋର୍ଟ ଆବଶ୍ୟକ ପଡିଥାଏ। ଯଦି କେହି ବିନା ଭିସାରେ ଯାଏ ତେବେ ତାକୁ ଜେଲ୍ ଯିବାକୁ ପଡିପାରେ। ଏହି ରେଲୱେ ଷ୍ଟେସନର ନାଁ ଅଟାରୀ। ଏବେ ଏହି ଷ୍ଟେସନ ଅଟାରୀ ଶ୍ୟାମ ସିଂହ ଷ୍ଟେସନ ନାଁରେ ଜଣାଯାଏ। ଏଠାକୁ ଯିବା ପାଇଁ ପାକିସ୍ତାନୀ ଭିସା ବାଧ୍ୟତାମୂଳକ କରିଦିଆଯାଇଛି। ଗୁଇନ୍ଦା ଏବଂ ସୁରକ୍ଷା ଏଜେନ୍ସିରେ ୨୪ ଘଣ୍ଟା ଘେରିରହିଥିବା ଏହି ରେଲୱେ ଷ୍ଟେସନକୁ ବିନା ଭିସାରେ ପହଞ୍ଚିଲେ ଦେଶର କୌଣସି ବି ନାଗରିକ ବିରୁଦ୍ଧରେ ୧୪ ଫରେନ୍ ଆକ୍ଟ ଅନୁସାରେ ମାମଲା ରୁଜୁ କରାଯାଇପାରେ। ଏହି ରେଲୱେ ଷ୍ଟେସନରୁ ଦେଶର ସବୁଠାରୁ ଭିଭିଆଇପି ଟ୍ରେନ୍ ସମଝୌତା ଏକ୍ସପ୍ରେସକୁ ଗ୍ରୀନ୍ ସିଗନାଲ୍ ମିଳେ। କହିରଖୁଛୁ ସମଝୌତା ଏକ୍ସପ୍ରେସ କଶ୍ମୀରର ଧାରା ୩୭୦ ହଟିବା ପରଠୁ ବନ୍ଦ ଅଛି। ଏହା ଦେଶର ପ୍ରଥମ ରେଲୱେ ଷ୍ଟେସନ ଯେଉଁଠି ଟ୍ରେନକୁ ସବୁଜ ପତାକା ଦେଖାଇବା ପାଇଁ ସୀମା ଶୁଳ୍କ ବିଭାଗ ସହିତ ଟ୍ରେନରେ ବସିଥିବା ଯାତ୍ରୀଙ୍କଠୁ ଅନୁମତି ନିଆଯାଏ। ଏହା ହେଉଛି ଦେଶର ଶେଷ ରେଲୱେ ଷ୍ଟେସନ। ଏହାର ଗୋଟେ ପଟେ ଅମୃତସର ଏବଂ ଅନ୍ୟ ପଟେ ଲାହୋର। ଟ୍ରେନ୍ ବନ୍ଦ ହେବା ପରେ ମଧ୍ୟ ଷ୍ଟେସନରେ ସବୁବେଳେ କିଛି ନା କିଛି ଜରୁରି କାମ ଚାଲିଥାଏ।



# ହଲିଉଡ୍‌ରେ ରିଚା ଚଢା

ବଲିଉଡ୍‌ର ଜଣାଶୁଣା ସୁନ୍ଦର ଏବଂ ଷ୍ଟାଇଲିଶ ଦେଖାଯାଉଥିବା ରିଚା ଚଢା ଖୁବ୍ ପରିଚିତ। ସେ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରୀରେ ଅଲଗା ଅଲଗା ଚରିତ୍ର ପାଇଁ ବେଶ ଲୋକପ୍ରିୟ। ତାଙ୍କୁ ନେଇ ଏବେ ନୂଆ ଖବର ଶୁଣିବାକୁ ମିଳୁଛି। ବର୍ତ୍ତମାନ ବଲିଉଡରେ ନିଜର ଦମ୍‌ଦାର ଅଭିନୟ କରିବା ପରେ ଏବେ ହଲିଉଡରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ଅଭିନେତ୍ରୀ ରିଚା ଚଢାଙ୍କୁ ହଲିଉଡ ଫିଲ୍ମ ଆପ୍ରୋଚ କରାଯାଇଛି। କୁହାଯାଉଛି କି ତାଙ୍କୁ ବଡ ଅଫର ମଧ୍ୟ ମିଳିଛି। ରିଚା ଏଥିରେ ରାଜକୀୟ ମାଲିକାଣୀ ଭୂମିକାରେ ନଜର ଆସିବେ। ଏହି ପ୍ରୋଜେକ୍ଟ ପାଇଁ ରିଚା ନିଜର ଟ୍ରେନିଂ ତଥା ତାଲିମ୍ ମଧ୍ୟ ଆରମ୍ଭ କରିଦେଇଛନ୍ତି। ଏବେ ରିଚା ଘୋଡାଚାଳନାର ଅଭ୍ୟାସ କରୁଛନ୍ତି। ଏହା ପୂର୍ବରୁ ରିଚା ବଏଫ୍ରେଣ୍ଡ ତଥା ଅଭିନେତା ଅଲ୍ଲୀ ଫେଜଲ ସହିତ ବିଗ୍ ବଜଟେ ଫିଲ୍ମରେ ନଜର ଆସିଥିଲେ। ଯାହାର ଫଟୋ ଏବଂ ଭିଡିଓ ନିଜ ଇନଷ୍ଟାଗ୍ରାମରେ ସେୟାର କରିଥିଲେ। ହଲିଉଡରେ ବଏଫ୍ରେଣ୍ଡଙ୍କୁ ସଫଳତା ମିଳିବା ପରେ ଏବେ ରିଚା ମଧ୍ୟ ହଲିଉଡରେ ଏଣ୍ଟ୍ରି ମାରିବାକୁ ଯାଉଛନ୍ତି। ରିଚାଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ କହିବାକୁ ଗଲେ, ରିଚା ଏବେ ଅଲ୍ଲୀ ଫୈଜଲଙ୍କୁ ଦୀର୍ଘ ଦିନରୁ ଡେଟ୍ କରୁଛନ୍ତି। ଖବର ଆସିଥିଲା କି ଦୁହେଁ ଖୁବ୍ ଶୀଘ୍ର ବିବାହ କରିବେ । କରୋନା ପାଇଁ ତାଙ୍କ ବିବାହ ସ୍ଥଗିତ ରଖାଯାଇଥିଲା। ବର୍ତ୍ତମାନ ଦୁହିଁଙ୍କ ବିବାହକୁ ନେଇ ଅନେକ ଦିନରୁ ତାଙ୍କ ଫ୍ୟାନ୍ସମାନେ ଚାହିଁ ରହିଛନ୍ତି। ରିଚା ଖୁବ୍ ଶୀଘ୍ର 'ଫୁକରେ ୩'ରେ ମୁଖ୍ୟ ଭୂମିକାରେ ନଜର ଆସିବେ। ଏହି ଫିଲ୍ମର ସୁଟିଂ ଦିଲ୍ଲୀରେ ହେଉଛି। ଏଥିରେ ମଧ୍ୟ ପ୍ରମୁଖ ଭୂମିକାରେ ଅଲ୍ଲୀ ଫୈଜଲ ରହିଛନ୍ତି।

# ସାଇବର ଠକଙ୍କ ଭୂସ୍ୱର୍ଗ ଗଞ୍ଜାମ

## ଡିଜିଟାଲ ଆରେଷ୍ଟର ଭୟ ଦେଖାଇ ନେଇଗଲେ ୧୩ ଲକ୍ଷ

ବ୍ରହ୍ମପୁର ୨୭/୧(ନି.ପ୍ର): ସାଇବର ଠକଙ୍କ ଭୂସ୍ୱର୍ଗ ପାଲଟିଛି ଗଞ୍ଜାମ। ଗତ ତିନି ସପ୍ତାହ ରେ ଲୁଟି ନେଇଗଲେଣି ପ୍ରାୟ କୋଟିଏ ଟଙ୍କା। ଅଦୃଶ୍ୟ ଗ୍ୟାଙ୍ଗ ଚୀନ , ହଂକଂ , ଦୁବାଇ ଓ ମଲେସିଆରେ ବସି ସେମାନେ ବିଭିନ୍ନ ଉପାୟରେ ଲୋକଙ୍କ ଟଙ୍କା ଲୁଟ କରୁଛନ୍ତି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଟିମ ନାକେଦମ ହେଉଛି। ରାତାରାତି କୋଟିପତି ହେବା ଲୋଭ ହେଉ କିମ୍ବା ଡିଜିଟାଲ ଅରେଷ୍ଟ ଭୟ ଦେଖାଇ ଲୋକମାନଙ୍କୁ ସେମାନଙ୍କ ଜାଲରେ ଫସାଉଛନ୍ତି। ଏହିଧାରାରେ ଠକ ଗ୍ୟାଙ୍ଗ ବିଦେଶରୁ ଆସିଥିବା ବାନ୍ଧବୀଙ୍କୁ ମୁକୁଳାଇବା ପାଇଁ ଡିଜିଟାଲ ଆରେଷ୍ଟର ଭୟ ଦେଖାଇ ବ୍ରହ୍ମପୁର ଖୋଡାସିଂ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଠାରୁ ୧୩ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଛନ୍ତି। ଏ ନେଇ ବ୍ରହ୍ମପୁର ସାଇବର ଓ ଅପରାଧ ଥାନାରେ କେସ ନଂ ୯/୨୫ରେ ଏକ ମାମଲା ରୁଜୁ ହେବା ସହ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଘଟଣାରୁ ପ୍ରକାଶ ଯେ, ଖୋଡାସିଂ ଅଞ୍ଚଳରେ ରହୁଥିବା ଏହି ୪୨ ବର୍ଷୀୟ ଯୁବକ ଜଣଙ୍କ ଫେସବୁକ ଓ ହ୍ୱାଟସଆପ ଭଳି ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି । ୨୦୨୪ ଏପ୍ରିଲ ମାସରେ ତାଙ୍କ ଫେସବୁକ ଆକାଉଣ୍ଟରେ ଆଣ୍ଡ୍ରେସନ ସ୍କାଟି ନାମକ ଜଣେ ବିଦେଶୀ ମହିଳାଙ୍କ ଫ୍ରେଣ୍ଡ୍ ରିକ୍ୟୁଏଷ୍ଟ ଆସିଥିଲା । ତାହାକୁ ଗ୍ରହଣ(ଆସେପ୍ଟ) କରିବା ପରେ ବିଦେଶିନୀଙ୍କ ସହ ସେ ଫେସବୁକ ମେସେଞ୍ଜରରେ ଚାଟିଂ ଆରମ୍ଭ କରିଥିଲେ । କିଛି ଦିନ ପରେ ଉଭୟ ହ୍ୱାଟସଆପ ନମ୍ବର ଆଦାନପ୍ରଦାନ କରି ଚାଟିଂ କରିବା ପରେ ବିଦେଶିନୀ ଜଣଙ୍କ କଲ କରିବା ଆରମ୍ଭ କରିଥିଲେ ।ସେହିକ୍ରମରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ ହେବାରେ ଲାଗିଥିଲା । ୨୦୨୪ ମେ ମାସରେ ବିଦେଶିନୀ ଜଣଙ୍କ ଭାରତକୁ ଆସି ଏଠାରେ ନର୍ସ ଭାବେ ମେଡିକାଲ ଗବେଷଣା କରିବେ ବୋଲି ବ୍ରହ୍ମପୁରର ଏହି ଯୁବକଙ୍କୁ କହିଥିଲେ । ଏହାର କିଛି ଦିନ ପରେ ତାଙ୍କ ନିକଟକୁ ଏକ ଅଜଣା ନମ୍ବରରୁ କଲ ଆସିଥିଲା । କଲ କରିଥିବା ମହିଳା ଜଣଙ୍କ ନିଜକୁ ନିନା



ବୋଲି ପରିଚୟ ଦେବା ସହ ସେ ମୁମ୍ବାଇ ଏୟାରପୋର୍ଟର କଷ୍ଟମ ଅଧିକାରୀ ବୋଲି କହିଥିଲେ । ଆପଣଙ୍କ ବିଦେଶିନୀ ବନ୍ଧବୀ ଜଣଙ୍କ ମୁମ୍ବାଇ ଏୟାରପୋର୍ଟରେ ପହଞ୍ଚିଛନ୍ତି ବୋଲି କହିବା ସହ ତାଙ୍କ ନିକଟରେ ଭାରତୀୟ ମୁଦ୍ରାରେ ୩ କୋଟି ଟଙ୍କା ମୂଲ୍ୟର ବିଦେଶୀ ପାଉଣ୍ଡ ରହିଛି । ସେହି ବିଦେଶୀ ମୁଦ୍ରା ବିନିମୟ କରିବାକୁ ୫୦ ହଜାର ଟଙ୍କା ଜମା କରିବାକୁ ପଡିବ ବୋଲି ଜଣାଇଥିଲେ। ଅନ୍ୟପଟେ ବିଦେଶିନୀ ବାନ୍ଧବୀ ଜଣଙ୍କ ତାଙ୍କୁ ପୂର୍ବରୁ ଭାରତ ଆସିବା ନେଇ କହିଥିଲେ । ତେଣୁ ତାଙ୍କର ବିଶ୍ୱାସ ହୋଇଥିଲା। ସେହିକ୍ରମରେ ନିନା ଦେଇଥିବା ବ୍ୟାଙ୍କ ଆକାଉଣ୍ଟକୁ ୫୦ ହଜାର ଟଙ୍କା ସେ ପଠାଇଥିଲେ । ଏହାପରେ ସାଇବର ଠକମାନେ ନିଜକୁ ପୋଲିସ, ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ, ବିନିମୟ ବିଭାଗ ଅଧିକାରୀ ବୋଲି ପରିଚୟ ଦେଇ ବିଦେଶିନୀ ବାନ୍ଧବୀଙ୍କୁ ମୁକୁଳାଇବା ପାଇଁ ବ୍ରହ୍ମପୁର ବ୍ୟକ୍ତିଙ୍କୁ ବ୍ଲାକମେଲ କରିବା ସହ ଟଙ୍କା ଦାବି କରିଥିଲେ। ଏପରିକି ସାଇବର ଗ୍ୟାଙ୍ଗ ଯୁବକଙ୍କ ନିକଟକୁ ବିଭିନ୍ନ ନକଲି ଆରେଷ୍ଟ କାଗଜପତ୍ର ମଧ୍ୟ ପଠାଇଥିଲେ । ଟଙ୍କା ନଦେଲେ ବିଦେଶୀ ଆତଙ୍କାବାଦ ଲିଙ୍କ ଅଭିଯୋଗରେ ବିଦେଶୀ ବାନ୍ଧବୀ ଓ ଆପଣଙ୍କୁ ଗିରଫ କରାଯିବ ବୋଲି ମଧ୍ୟ ସେମାନେ ତାଙ୍କୁ ଭୟଭୀତ କରିଥିଲେ। ଅନ୍ୟ ଉପାୟ ନପାଇ ଯୁବକ ଜଣଙ୍କ ବିଭିନ୍ନ ପର୍ଯ୍ୟାୟରେ ସାଇବର ଠକଙ୍କ ନିକଟକୁ ୧୩ ଲକ୍ଷ ୪୪ ହଜାର ୯୪୦ ଟଙ୍କା ପଠାଇ ଦେଇଥିଲେ । ଏହାପରେ ମଧ୍ୟ ଅଦୃଶ୍ୟ ଗ୍ୟାଙ୍ଗ ଅଧିକ ଟଙ୍କା ଦାବି କରିଥିଲେ। ଶେଷରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ସେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି।

## ଆଠମଲ୍ଲିକ ପ୍ରଶାସନ ତରଫରୁ ମତଦାତା ଦିବସ ପାଳିତ



ଆଠମଲ୍ଲିକ , ୨୭/୧(ନି.ପ୍ର): ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନ ତରଫରୁ ମତ ଦାତା ଦିବସ ପାଳିତ ହୋଇଯାଇଅଛି। ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସରରୁ ରୁ ଏକ ଶୋଭାଯାତ୍ରା ହରାରି ଥିଲା। ଉପଜିଲ୍ଲାପାଳ ଡ଼ଃ ଦିଲ୍ଲୀପ ବେହେରା ପତାକା ହଲାଇ ଏହାକୁ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ଟି ସଂପୂର୍ଣ୍ଣ ସହର ପରିକ୍ରମା କରି ବ୍ଲକ କାର୍ଯାଳୟନିକଟରେ ପହଂଚି ଥିଲା। ବ୍ଲକ କାର୍ଯାଳୟ ସଭା ଗୃହ ରେ ଅନୁଷ୍ଠିତ ସଭା ରେ ମୁଖ୍ୟ ଅତିଥି ଭାବ ରେ ଉପଜିଲ୍ଲାପାଳ ଡ଼ଃ ଦିଲ୍ଲୀପ ବେହେରା ଯୋଗ ଦେଇ ମତ ଦାତା ଦିବସ ର ଉଦେସ୍ୟ ସଂପର୍ଗ ମତବ୍ୟକ୍ତ କରିବା ସହିତ ଶପଥ ପାଠ କରାଇଥିଲେ । ଅନ୍ୟ ମାନଙ୍କ ମଧ ରେ , ବିଡ଼ିଓ ଟିଟୋସ ମହାନନ୍ଦିଆ,ତହସିଲଦାର ପ୍ରସନ୍ନ ଟେଟେ, ସହକାରୀ ଜିଲ୍ଲା ପାଳ ପ୍ରଭୁ ପିୟୁଷ ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ସଚେତନତା କାର୍ଯ୍ୟକ୍ରମ ରେ ସହଯୋଗ ପାଇଁ ଆଠମଲ୍ଲିକ କଲେଜ ଏନ ସି ସି କ୍ୟାଡ଼େଟ, ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଛାତ୍ର ଛାତ୍ରୀ, ଅଙ୍ଗନ ୱାର୍ଡ ୱାର୍କର, ପୋଲିସ କର୍ମଚାରୀ, ସ୍ୱାସ୍ଥ୍ୟ କର୍ମଚାରୀ, ଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସଂମ୍ମାନିତ କରାଯାଇଥିଲା । ଶେଷରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତନ୍ମୟ ରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଢେଙ୍କିକୋଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ବାର୍ଷିକ ଉତ୍ସବ



ପାଟଣା ୨୭/୧(ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ୨୫ତମ ବାର୍ଷିକ ଉତ୍ସବ ଗତ ସନ୍ଧ୍ୟାରେ ଶିକ୍ଷାନୁଷ୍ଠାନ ର ସଭାପତି ଦୁଃଖବନ୍ଧୁ ବାରିକ ଙ୍କ ସଂଯୋଜନା ରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ , ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଆର ଏସ ଏସ ସଂଘ ଚାଳକ ଅବସର ପ୍ରାପ୍ତ ପ୍ରାଧାପକ ଭାଗିରଥି ପୃଷ୍ଟି , ସମ୍ମାନୀତ ଅତିଥି ଭାବେ ସାଂସଦ ପ୍ରତିନିଧି ଅଖିଳ କୁମାର ପାତ୍ର , ଢେଙ୍କିକୋଟ ବଣିକ ସଂଘ ସଭାପତି ରାଜକିଶୋର ସାହୁ ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷ ହେବା ପାଇଁ ଭାଷଣ ମାଧ୍ୟମ ରେ ଉପଦେଶ ଦେଇଥିଲେ। ଶିକ୍ଷାନୁଷ୍ଠାନ ର ସମ୍ପାଦକ ତୃପ୍ତି ରଞ୍ଜନ ସାହୁ ଅତିଥି ପରିଚୟ ଓ ପ୍ରଧାନ ଆଚାର୍ଯ୍ୟ ଲୋକନାଥ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁଜୀ ବୈଲୋଚନ ରାଉତ ଙ୍କ ସଂଯୋଜନା ରେ କ୍ରୀଡା ପ୍ରତିଯୋଗିତା ଓ ମେଧା ଅନ୍ୱେଷଣ ପ୍ରତିଯୋଗିତା ର କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।ଶେଷରେ ଛାତ୍ର ଛାତ୍ରୀ ମାନେ ରଙ୍ଗାରଙ୍ଗ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଦକ୍ଷତା ବିକାଶ ତାଲିମଧାରୀ ଙ୍କୁ ପ୍ରମାଣ ପତ୍ର ଦିଆଗଲା



ପାଟଣା ୨୭/୧(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ଡୁମୁରିଆ ପଞ୍ଚାୟତ ର ବଡ଼ନୂଆଗାଁ ରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସାମିଲ ପ୍ରତିନିଧି ମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଛି। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଏଥିପାଇଁ ରେ ପୂର୍ବରୁ ତାଲିମ ପ୍ରଦାନ କରାଯାଇଥିଲା। ବଡ଼ନୂଆଗାଁ ର ୧୫ ଜଣ ହସ୍ତତନ୍ତ ଓ ଏରେଣ୍ଡେଇ ଗ୍ରାମର ୧୫ ବାଉଁଶ ହସ୍ତଶିଳ୍ପୀ ଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏହି ତାଲିମଧାରୀ ହିତାଧିକାରୀ ମାନଙ୍କୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରମାଣ ପତ୍ର ବଣ୍ଟନ କରାଯାଇଛି। କେନ୍ଦୁଝର ଜଳବିଭାଜିକା ର ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତି , ପାଟଣା ଜଳବିଭାଜିକା ର ସହକାରୀ ନିର୍ଦ୍ଦେଶିକା ଦୀପ୍ତିମୟୀ ଦାସ ଯୋଗ ଦେଇ ସମ୍ପୃକ୍ତ ହିତାଧିକାରୀଙ୍କୁ ପ୍ରମାଣ ପତ୍ର ବଣ୍ଟନ କରିଥିଲେ।

## ୪୫ ଶିକ୍ଷକଙ୍କୁ ନିୟମିତ କରୁନାହାନ୍ତି ଡିଇଓ

ପୁରୀ ୨୭/୧(ନି.ପ୍ର): ଶିକ୍ଷା ବିଭାଗର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରୁନାହାନ୍ତି ପୁରୀ ଜିଲ୍ଲା ଶିକ୍ଷାଧିକାରୀ।ଗତ ବର୍ଷ ଅକ୍ଟୋବର ୫ ତାରିଖରେ ୯ହଜାର ୨ସହ କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା ପାଇଁ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଏହାକୁ ୪ ମାସ ବିତିଯାଇଥିଲେ ମଧ ପୁରୀ ଜିଲ୍ଲାରେ ଏହାକୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଉ ନାହିଁ ।ଯାହାକୁ ନେଇ ନିୟମିତ ହେବାକୁ ଥିବା ଶିକ୍ଷକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ଖବର ନେବାରେ ଜଣାପଡିଛି ପୁରୀ ଜିଲ୍ଲାର ୧୦ଟି ବ୍ଲକରେ ମୋଟ ୪୫ ଜଣ ଶିକ୍ଷକ ନିୟମିତ ହେବାକୁ ଥିବାବେଳେ ସେଥିମଧ୍ୟରୁ କେତେକ ୨୦୧୨ ମସିହାର ହୋଇଥିବା ବେଳେ ଆଉ କେତେକ ୨୦୧୮ ମସିହାରେ ନିଯୁକ୍ତ ହୋଇଥିଲେ ।ହେଲେ ବିଡ଼ମ୍ବନାର ବିଷୟ ଦୀର୍ଘ ଦିନ ହେବ ନିୟମିତ ହେବା ପାଇଁ ଯୋଗ୍ୟତା ହାସଲ କରିଥିଲେ ମଧ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ନିୟମିତ କରାଯାଉନାହିଁ ।ପୁରୀ ଜିଲ୍ଲାରେ ଶିକ୍ଷକମାନଙ୍କ ଗତ ବର୍ଷ ନଭେମ୍ବର ମାସ ୧୬ ତାରିଖରୁ ସମସ୍ତ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା ସରିଛି । ଏହାକୁ ତିନିମାସ ବିତିବାକୁ ବସିଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀ ନିଜେ ଜାନୁୟାରୀ ମାସରସେ କାର୍ଯ୍ୟ ଶେଷ ଓ ତୁମେ ନିୟମିତ ଦରମା ପାଇବ ବୋଲି କହିଥିଲେ । ହେଲେ କିରାଣୀ କହୁଛନ୍ତି ଫାଇଲ୍ ଅଛି ଡିଇଓ ସାର୍ କହିଲେ କାମ ହେବ ଏମିତି ଆଜି କାଲି କହି ଉଦ୍ଦେଶ୍ୟମୂଳକ ଭାବେ ଫାଇଲ୍ ପକାଇ ବିଳମ୍ବ କରୁଥିବା ନିୟମିତ ହେବାକୁ ଥିବା ଶିକ୍ଷକମନେ କରିଛନ୍ତି ।ଅନେକ ଜିଲ୍ଲାରେ କନିଷ୍ଠ ଶିକ୍ଷକ ମାନଙ୍କୁ ନିୟମିତ କରାଯାଇ ଲେଭୁଲ୍ ଭି-ଏ ର ଦରମା ମିଳୁଥିବା ବେଳେ ପୁରୀ ଜିଲ୍ଲାରେ ଏଭଳି ବିଳମ୍ବକୁ ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ଏଥିପ୍ରତି ଶିକ୍ଷାମନ୍ତ୍ରୀ,ଶିକ୍ଷା ସଚିବ ଓ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବା ପାଇଁ ଦାବୀ ହୋଇଛି ।

## ପରିତ୍ୟକ୍ତ କୂପରୁ ଷଣ୍ଢ ଉଦ୍ଧାର



ଜାମଦା ୨୭/୧(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ରୁମାପାହାଡ଼ିରେ ଥିବା ଏକ ପରିତ୍ୟକ୍ତ ଛୋଟ କୂପରୁ ଏକ ବୁଲା ଷଣ୍ଢ କୁ ଜାମଦା ଦମକଳ କେନ୍ଦ୍ରର କର୍ମଚାରୀ ଉଦ୍ଧାର କରିଥିବା ଜଣାପଡ଼ିଛି ।ଗ୍ରାମର କେହି ଜଣେ ବ୍ୟକ୍ତି ଦେଖିବାରୁ ଦମକଳକୁ ସୂଚନା ଦେଇଥିଲେ ।

## ନୂଆପଡା ଜିଲ୍ଲା ଗସ୍ତରେ ମନ୍ତ୍ରୀ ସୂର୍ଯ୍ୟାବଂଶୀ ସୁରଜଙ୍କୁ ଭବ୍ୟ ସମ୍ବର୍ଦ୍ଧନା



ନୂଆପଡା ୨୭/୧(ନି.ପ୍ର): ଆଜି ନୂଆପଡ଼ା ଜିଲ୍ଲା ଗସ୍ତରେ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ସେବା ମନ୍ତ୍ରୀ ମାନ୍ୟବର ସୂର୍ଯ୍ୟାବଂଶୀ ସୁରଜ ନୂଆପଡା ରୁ କୋମନା ବ୍ଲକ, ଖଡ଼ିଆଳ ବ୍ଲକ, ସିନାପାଲି ବ୍ଲକ ର ବିଭିନ୍ନ ସଭା କାଯ୍ୟକ୍ରମ ଓ ଉଦଘାଟନ କାର୍ଯ୍ୟକ୍ରମ ରେ ଯୋଗଦେଇ ଚାରିଟା ସମୟରେ ବୋଡ଼େନ ବ୍ଲକ ରେ ପହଂଚି ଥିବାବେଳେ ଦ୍ୱାରସନୀ ମନ୍ଦିର ସମ୍ମୁଖରେ ସଭାକାର୍ଯ୍ୟ ରେ ଯୋଗ ଦେଇଛନ୍ତି । ବୋଡ଼େନ ଅଂଚଳର ତାଙ୍କ ଦାୟିତ୍ୱରେ ଥିବା ବିଭିନ୍ନ କାର୍ଯ୍ୟ ର ସଫଳ ରୂପାୟନ ପାଇ ଜନସାଧାରଣ ଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ବୋଡ଼େନ ର ବିଜେପି କର୍ମକର୍ତ୍ତା ମାନେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି, କ୍ରୀଡା ଓ ଶିକ୍ଷା କ୍ଷେତ୍ରରେ କୃତିତ୍ୱ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଶ୍ରୀଯୁକ୍ତ ସୁରଜ ସମ୍ବର୍ଦ୍ଧିତ କରିଛନ୍ତି । ସଭାରେ ବିଜେପି ମଣ୍ଡଳ ସଭାପତି ନୀଳାମ୍ବର ମେହେର, ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତୀ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ବିଧାୟକ ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା, ବ୍ଲକ ଉପାଧ୍ୟକ୍ଷା ସଂଗୀତା ମାଝୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅତୀନ୍ଦ୍ର ମଲ୍ଲିକ,ଜିଲ୍ଲା ସମ୍ପାଦକ ସୁବ୍ରତ ଠାକୁର, ବରିଷ୍ଠ ନେତା ଶିବ ପ୍ରସାଦ ମୁଣ୍ଡ, , ବିଜୟ ବେହେରା,ଭୁବନେଶ୍ୱର ମାଝୀ,ରବିରଞ୍ଜନ ପ୍ରଧାନ ପ୍ରମୁଖ ମଂଚାସୀନ ଥାଇ ଅଞ୍ଚଳ ର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥବାବେଳେ ମନ୍ତ୍ରୀ ସବୁସମସ୍ୟା ର ପୂରଣ ପାଇ ବିଭିନ୍ନ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେବାକୁ କହିଥିଲେ । ଶ୍ରୀ ସୁରଜ ଆସନ୍ତା ସାଧାରଣ ତନ୍ତ୍ର ଦିବସରେ ନୂଆପଡ଼ା ରେ ଯୋଗଦେବା ସ୍ଥିର ହୋଇଛି ।

## ନୃତ୍ୟ ଗୁରୁ କରୁଣାକର ଦାଶ ଙ୍କ ବିୟୋଗ ରେ ସାଂସଦ ଙ୍କ ଶୋକ



ପାଟଣା ୨୭/୧(ନି.ପ୍ର): ପାଟଣା ବ୍ଲକ ସ୍ୱାମ ଶାସନ ଗ୍ରାମ ର ବାସିନ୍ଦା ତଥା ଜଣେ ବିଶିଷ୍ଟ ତବଲାବାଦକ ,ଓଡ଼ିଶୀ ନୃତ୍ୟଗୁରୁ ଓ ନାଟ୍ୟ ନିର୍ଦ୍ଦେଶକ ଭାବେ ସମଗ୍ର ଉତ୍ତର ଓଡ଼ିଶା ରେ ସୁନାମ ଅର୍ଜନ କରିଥିବା କରୁଣା କର ଦାଶ (୬୩) ଙ୍କ ଶୁକ୍ରବାର ରାତ୍ରି ମୟୂରଭଞ୍ଜ ଜିଲା କରଞ୍ଜିଆ ଡ଼ାକ୍ତରଖାନା ରେ ହୃଦଘାତରେ ପରଲୋକ ଘଟିଛି। ସେ କରଞ୍ଜିଆ ଶାସନ ରେ ଅବସ୍ଥାନ କରୁଥିଲେ। ପୈତୃକ ଗ୍ରାମ ସ୍ୱାମ ଶାସନ ହୋଇଥିବା ବେଳେ କର୍ମସ୍ଥଳୀ ଭାବେ ସେ ମୟୂରଭଞ୍ଜ ଜିଲା ର କରଞ୍ଜିଆ କୁ ବାଛିଥିଲେ ।ଶୁକ୍ରବାର ରାତ୍ରି ସେ ଛାତି ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ କୁ ନେଇଥିଲେ ହେଁ ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେ କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟ ଅଧକ୍ଷା ରହିବା ସହ ସେ ପଲ୍ଲବୀ ନାଟ୍ୟ ଅନୁଷ୍ଠାନ ର ସଦସ୍ୟ ଥିଲେ। ତାଙ୍କ ମୃତ୍ୟୁ ରେ କରଞ୍ଜିଆ , ପାଟଣା, ସାହାର ପଡା ଅଞ୍ଚଳ ରେ ଶୋକ ର ଛାୟା ଖେଳି ଯାଇଛି। ଶନିବାର ପୂର୍ବାହ୍ନ ରେ କରଞ୍ଜିଆ ଦେଓ ନଦୀ କୂଳ ରେ ଶୋକାକୁଳ ପରିବେଶ ରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପୁତୁରା ସୁମନ ମୁଖାଗ୍ନି ଦେଇଥିଲେ। ଅନ୍ତିମ ସମୟ ରେ ୫ ଭାଇ ବୋହୂ, ପୁତୁରା, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ରେ କେନ୍ଦୁଝରର ସାଂସଦ ଅନନ୍ତ ନାଏକ , କରଞ୍ଜିଆ ଏନ ଏ ସି ଅଧକ୍ଷା ପପି ପୃଷ୍ଟି , ଉପାଧ୍ୟକ୍ଷ ସ୍ୱରୂପ ପରିଜା , ପୂର୍ବତନ ଏନ ଏ ସି ଅଧକ୍ଷ ଗିରିଧାରୀ ପୃଷ୍ଟୀ, ଭୁବନ ବିହାରୀ ସାହୁ, ବାଞ୍ଛାନିଧି ପୃଷ୍ଟି, ପ୍ରାଧାପକ ଜଗନ୍ନାଥ ଦାଶ, ଡ଼. ଅବନୀ କାନ୍ତ ଦାଶ, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୃ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ପାଟଣା ପୂର୍ବତନ ପାଟଣା ବ୍ଲକ୍ ଅଧକ୍ଷ ବିଦ୍ୟାଧର ଦାଶ ପ୍ରମୁଖ କରୁଣାକର ଙ୍କ ବିୟୋଗ ରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଟ୍ରାକ୍ଟର ଓଲଟି ଚାଳକର ଶୋଚନୀୟ ମୃତ୍ୟୁ

ପାଟଣା ୨୭/୧(ନି.ପ୍ର): ଘଟଗାଁ ଥାନା ଅଞ୍ଚଳ ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଟିକିରା ନୂତନ ଗ୍ରାମ୍ୟ ରାସ୍ତାରେ ଆଜି ଅପରାହ୍ନ ୩ ଟା ସମୟରେ ଏକ ଟ୍ରାକ୍ଟର ଓଲଟି ପଡିବାରୁ ଏହାର ଚାଳକର ଶୋଚନୀୟ ମୃତ୍ୟୁ ଘଟିଛି । ମୃତକ ଜଣକ ବଡ଼ ମସିଣାବିଲ୍ଲା ଗ୍ରାମର ଦେଶୁଆ ମୁଣ୍ଡା (୩୨) ବୋଲି ଜଣାପଡିଛି । ଟ୍ରାକ୍ଟର ଓଲଟି ପଡିବା ସମୟରେ ସେ ଟ୍ରାକ୍ଟରରୁ ଖସି ପଡିଥିବା ବେଳେ ତାଙ୍କ ଉପରେ ଟ୍ରାକ୍ଟରଟି ଓଲଟି ପଡିଥିଲା । ଘଟଣା ସ୍ଥଳରୁ ୧୦୮ ରୋଗି ଯାନ ଯୋଗେ ମୃତକଙ୍କୁ ଘଟଗାଁ ଡାକ୍ତରଖାନା ନିଆଯାଇଛି । ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକ ଘଟଣାର ତଦନ୍ତ କରୁଛନ୍ତି । ରବିବାର ମୃତକ ର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି ।

## କାଣ୍ଡସର କ୍ରିକେଟ୍ ଟୁର୍ଣ୍ଣାମେଟ୍ ରେ ଜୟ ଜଗଦିଶ୍ ବିଜୟୀ

ମୟୂରଭଞ୍ଜ୨୭/୧(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ କାଣ୍ଡସର ଖେଳ ପଡ଼ିଆରେ ମୋଟ ଆଠ ଗୋଟି କ୍ରିକେଟ ଦଳ କଇଁପୁର,ଜୟ ଜଗଦିଶ ଆମଲାବେଡ଼ା,ଦୁନ୍ଦୁ,ତାଳଗାଁ,ପାତ୍ର ବ୍ରଦର୍ସ,ରସୁଣଚପା,ଖଇରପାଳ,ଜୟ ବାବା ପାକଣାପାଟ ଆଦି ମଧ୍ୟରେ ଏକଦିବସୀୟ ଖେଳ ଅନୁଷ୍ଠିତ ହୋଇଯାଇଛି ।ଫାଇନାଲ ଖେଳରେ ଜୟ ଜଗଦିଶ୍ ଆମଲାବେଡ଼ା ୪ ଉଇକେଟ୍ ବିନିମୟରେ ୪୧ରନ୍ ରୁ ଅଧିକ ରନ୍ ସଂଗ୍ରହ କରି ବାଜିମାତ୍ ମାରିନେଇଥିଲେ ।ପୁରସ୍କାର ବଣ୍ଟନ ଉତ୍ସବରେ ମୁଖ୍ୟ ଅତିଥି କିଶୋର କୁମାର ବେହେରା,ସମ୍ମାନୀୟ ଅତିଥି ଅମିତ ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ପ୍ରଥମ ପୁରସ୍କାର ବାବଦକୁ ଜୟ ଜଗଦିଶ ଆମଲାବେଡ଼ା ଟିମ୍ କୁ ୧୫,୦୦୦ଟଂକା ଏବଂ ଦ୍ୱିତୀୟ ପୁରସ୍କାର ଦୁନ୍ଦୁ ଟିମ୍ କୁ ୧୦,୦୦୦ଟଂକା ପ୍ରଦାନ କରିଥିଲେ ।କାଜଲ ବେହେରା କ୍ରିକେଟ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ ।ଗ୍ରାମର ବରିଷ୍ଠ ନାଗରିକ ମୁସ୍ତଫା ସାର୍ ମହୋତ୍ସବ ର ସଭା ପରିଚାଳନା କରିଥିଲାବେଳେ ଦେବୁ ବାବୁ,ଟିଟୁ ବାବୁ,ସତ୍ୟ ବାବୁ,ଲକ୍ଷ୍ମୀଧର ଏବଂ ସଂଘର ସମସ୍ତ ସଦସ୍ୟଙ୍କ ସହଯୋଗ ପ୍ରଶଂସନୀୟ ଥିଲା ।

## ଛାତ୍ର ଛାତ୍ରୀ ଙ୍କ ସ୍ୱାସ୍ଥ୍ୟ କୁ ଚିନ୍ତାରେ ଅଭିଭାବକ

### ଝାଡ଼ା ବାନ୍ତି ଖବର ପ୍ରକାଶ ପରେ ବିଧାୟକ ଙ୍କ ଜବାହର ନବୋଦୟ ବିଦ୍ୟାଳୟ ଗସ୍ତ ଓ ସ୍ଥିତି ଅନୁଧ୍ୟାନ

ତେନ୍ତୁଳିଖୁଣ୍ଟି ୨୭/୧(ନି.ପ୍ର): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ା ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଝାଡ଼ା ବାନ୍ତି ବ୍ୟାପିଥିବା ସମ୍ପର୍କିତ ପରେ ବିଧାୟକ ଗୌରୀଶଙ୍କର ମାଝୀ ବିଦ୍ୟାଳୟ କୁ ଆସି ଅନ୍ତେବାସୀ ଙ୍କ ସହ ଆଲୋଚନା କରିଥିଲେ। ଆଜି ସମସ୍ତ ଅନ୍ତେବାସୀ ସୁସ୍ଥ ଥିବା ଦେଖି ଖୁସି ବ୍ୟକ୍ତ କରିଥିଲେ,ଜଣେ ଦୁର୍ବଳ ଥିବାରୁ ଡ୍ରିପ ଲାଗିଥିବା ଦେଖା ଯାଇଛି। ବାହାର ରୁ ଖାଦ୍ୟ ପାର୍ଶଲ ଅନ୍ତେବାସୀ ଙ୍କ ପାଖରେ ପହଞ୍ଚୁ ଥିବା ଯୋଗୁଁ ଏଭଳି ହୋଇଥାଇ ପାରେ ବୋଲି କିଛି ଅଭିଯୋଗ ଶୁଣି ଅଧକ୍ଷ ରତ୍ନାକର ସାହୁ ଙ୍କୁ ବାହାର ଖାଦ୍ୟ ସଂପୂର୍ଣ୍ଣ ବାରଣ କରିବା ଉପରେ ଜୋର୍ ଦେବାକୁ କହିଥିଲେ। ଖାଦ୍ୟର ମେନୁ କିଛି ଟା କିଛି ଦିନ ପାଇଁ ପରିବର୍ତ୍ତନ କରି ମସଲା ମାତ୍ରା



କମାଇବା ଓ ଆମିଷ କମେଇବା ପାଇଁ କହିଥିଲେ। ବିଧାୟକ ମସଲା ,ତେଲ ତଥା ରୋଷେଇ ରେ ବ୍ୟବହାର ହେଉଥିବା ସାମଗ୍ରୀ ଦେଖିଥିଲେ। ବିଧାୟକ ସ୍ୱାସ୍ଥ୍ୟ ବିଭାଗ ଟିମ୍ ତଥା ପାଣି ପରୀକ୍ଷଣ ପାଇଁ ଆସିଥିବା ଟିମ୍ ସହ ମଧ ଆଲୋଚନା କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗ ପୂର୍ବରୁ ପାଣି ପରୀକ୍ଷଣ ପାଇଁ ନେଇଥିବା ବେଳେ ଆଜି ଗ୍ରାମୀଣ ଜଳ ଯୋଗାଣ ବିଭାଗ ପାଣି ପରୀକ୍ଷଣ ପାଇଁ ନେଇଛନ୍ତି। ସମସ୍ତ ଅନ୍ତେବାସୀ ଙ୍କୁ ବାହାର ଖାଦ୍ୟ ରୁ ଦୂରେଇ ରଖିବା ଉପରେ ଜୋର୍ ଦେଇଥିଲେ ବିଧାୟକ।ସ୍ୱାସ୍ଥ୍ୟ ବିଭାଗ ଟିମ ପକ୍ଷରୁ ବିଦ୍ୟାଳୟ ର ସମସ୍ତ ଛାତ୍ରଛାତ୍ରୀ ଙ୍କ ଆଗୁଆ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ଆଜି ଉକ୍ତ ସମସ୍ୟା ନେଇ ନବରଙ୍ଗପୁର ବିଧାୟକ ଙ୍କ ସହିତ ତେନ୍ତୁଳିଖୁଣ୍ଟି ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ନାୟକ, ପୂର୍ବତନ ମଣ୍ଡଳ ସଭାପତି ହରେକୃଷ୍ଣ ମୁଦୁଲି ଓ ଜିଲ୍ଲା କାର୍ଯ୍ୟ କାରିଣୀ ସଭ୍ୟ ଧରଣୀ ଧର ସିଂ ପ୍ରମୂଖ ସମ୍ପୃକ୍ତ ବିଦ୍ୟାଳୟ କୁ ଯାଇଥିଲେ। ଏହି ସମୟରେ କିଛି ଅଭିଭାବକ ନିଜ ର ନାମ ଗୋପନ ରଖି ନିମ୍ନ ମାନର ଖାଦ୍ୟ ଓ ଭଲ ତେଲ ବ୍ୟବହାର ନ କରିବାରୁ ଓ ପରିଷ୍କାର ପରିଚ୍ଛନ୍ନତା ଉପରେ ଅଧିକାରୀ ଦୃଷ୍ଟି ଦେଉନଥିବା ହେତୁ ଛାତ୍ର ଛାତ୍ରୀ ମାନଙ୍କୁ ଉରିନାଲଇମ୍ଫେସନ୍ ଜ୍ୱର ଲାଗିରହିବା ଏଭଳି ସମସ୍ୟା ଘଟୁଛି ବୋଲି ପ୍ରକାଶ କରିଛନ୍ତି ।

## ମହିଳା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ




ପୋଲସରା ୨୭/୧(ନି.ପ୍ର): ଗଞ୍ଜାମ ଜିଲ୍ଲାର ପୋଲସରା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାନୁଆରୀ ୬ ତାରିଖରେ ଆରମ୍ଭ ହୋଇଥିବା ଛାତ୍ରୀଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ପ୍ରିନ୍ସପାଲ ପ୍ରଦୀପ କୁମାର ପରାମଗୁରୁ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୋଲସରା ତହସିଲଦାର ଦୀପ୍ତିମୟୀ ପାତ୍ର ଯୋଗଦେଇ ଆତ୍ମ ସୁରକ୍ଷା ତାଲିମର ଉପକାରୀତା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଡକ୍ଟର ରଞ୍ଜିତା କୁମାରୀ ମିଶ୍ର, ପ୍ରିୟମ୍ବଦା ଦାଶ ଓ ସନ୍ଧ୍ୟା କୁମାରୀ ଦାଶ ଯୋଗଦେଇ ତାଲିମ ଶିବିରରେ ଛାତ୍ରୀମାନେ ଯେଉଁ ସବୁ ଆତ୍ମ କୌଶଳ ଶିକ୍ଷା ଲାଭ କରିଛନ୍ତି ତାହାକୁ ଅଭ୍ୟାସ ରଖିଲେ ବିପଦ ସମୟରେ ନିଶ୍ଚିତ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ଆତ୍ମ ସୁରକ୍ଷା ତାଲିମ ଶିବିରର ସଂଯୋଜକ ଅଧ୍ୟାପକ ଡକ୍ଟର ଆଶୀଷ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାଷ୍ଟର ଟ୍ରେନର ସୁଜ୍ଞାନୀ ପ୍ରଧାନ ଓ ସୁଚିତ୍ରା ବେହେରା ଛାତ୍ରୀମାନଙ୍କୁ ଯେଉଁସବୁ ଆତ୍ମ କୌଶଳ ତାଲିମ ପ୍ରଦାନ କରିଥିଲେ, ଛାତ୍ରୀମାନେ ତାହା ଅତିଥିମାନଙ୍କ ସମ୍ମୁଖରେ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ତାଲିମ ଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ଅତିଥି ବୃନ୍ଦ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ତାଲିମ ଶିବିର ସଂଯୋଜକ ଅଧ୍ୟାପକ ଡକ୍ଟର ଶ୍ରୀ ପ୍ରଧାନ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଶିଶିର କାନ୍ତ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

ODISHA
NEW OPPORTUNITIES

CII
Confederation of Indian Industry

# MAKE IT UTKARSH

Hon'ble Prime Minister, Shri Narendra Modi inaugurates the Utkarsh Odisha – Make in Odisha Conclave 2025 today, we invite industry leaders and entrepreneurs to be a part of this transformational journey.



**Shri Narendra Modi**
Prime Minister

**Shri Mohan Charan Majhi**
Chief Minister, Odisha

*"As we aim for Viksit Bharat 2047, Odisha will play a pivotal role in driving this ambition forward. Its investor- friendly policies and strategic location make it the anchor for our Purvodaya Vision."*




Utkarsh Odisha Inauguration by
**Prime Minister of India** at **10:30 AM**

Today **28**
January 2025

- CEOs Roundtable
- Start-up Plenary Session
- Country-of -focus Session
- Cultural Program
- Chemicals, Petrochemicals and Plastics Session
- Renewable Energy & Equipment Session
- Mining & Metallurgy Session

**VENUE:** Janata Maidan Bhubaneswar

BECOME A PART OF THE "SAMRUDH ODISHA 2036" JOURNEY

**INVEST IN ODISHA, INVEST IN FUTURE**

DSPL-357 OIPR-14005/13/0042/2425